୬ ମାତ୍ର ୪ ରନରେ ଲକ୍ଷ୍ନୌ ଠାରୁ ହାରିଲା କୋଲକାତା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
• ବର୍ଷ–୩୨ • ସଂଖ୍ୟା–୭୧ • ୯ ଅପ୍ରେଲ ୨୦୨୫, ବୁଧବାର • ଭୁବନେଶ୍ୱର • Vol -32 • Issue-71 • 9th April 2025, Wednesday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ନୂଆଦିଲ୍ଲୀ ଇନ୍‌ଭେଷ୍ଟରସ ମିଟ୍‌ରେ ୧୩ ଏମ୍‌ଓୟୁ ସ୍ୱାକ୍ଷରିତ

# ମୋଟ୍ ୧ ଲକ୍ଷ ୩୦୯୦ କୋଟିର ପୁଞ୍ଜିନିବେଶ : ୯୫୯୧୫ ନିଯୁକ୍ତି ସୁଯୋଗ

ନୂଆଦିଲ୍ଲୀ/ଭୁବନେଶ୍ୱର, ୮।୪
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ଇନ୍‌ଭେଷ୍ଟରସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ବିଶିଷ୍ଟ ଶିଳ୍ପପତିଙ୍କ ସହ ଆଲୋଚନା କରିବା ସହିତ ଓଡିଶାରେ ନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି । ତାଜ୍ ପ୍ୟାଲେସ୍ ଠାରେ ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୩ଟି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସହିତ ୧୫ଟି ନିବେଶ ପ୍ରସ୍ତାବ ଆସିଛି ।



ଏହି ୧୩ଟି ଚୁକ୍ତିନାମା ଜରିଆରେ ଓଡିଶାକୁ ୯୮,୮୮୦ କୋଟି ଟଙ୍କାର ପୁଞ୍ଜି ଆସିବା ସହିତ ୬୭,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ସହିତ ୧୫ଟି ନିବେଶ ପ୍ରସ୍ତାବ ମଧ୍ୟ ଆସିଛି। ଏହାଦ୍ୱାରା ସମୁଦାୟ ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ୯୫,୯୧୫ଟି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି ।

ଏହି ଚୁକ୍ତିନାମା ଗୁଡିକ ମଧ୍ୟରେ ଆଇ.ଓ.ସି.ଏଲ୍ ସହିତ ଚୁକ୍ତି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଓଡିଶାରେ ଏକ ଡୁଆଲ୍-ଫିଡ୍ ନାଫଥା କ୍ରାକର ପ୍ରକଳ୍ପ କରିବା ପାଇଁ ଏହି ଚୁକ୍ତି କରାଯାଇଛି। ଏହାଦ୍ୱାରା ଆଇ.ଓ.ସି.ଏଲ୍ ଓଡିଶାରେ ୫୮,୦୪୨ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଏବଂ ୨୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ଆଉ ଦୁଇଟି ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ଗୋଟିଏ ଚୁକ୍ତିନାମା ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିଅମ୍ ରିଜଭରସ ଲିମିଟେଡ୍ ସହିତ ହୋଇଥିବା (ପୃଷ୍ଠା ୭ରେ)

## ଚଳିତ ମାସ ଶେଷ ସୁଦ୍ଧା
# ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥା

ବ୍ରହ୍ମପୁର, ୮।୪ : ନ୍ୟୁଜ୍ ବ୍ୟୁରୋ

ଚଳିତ ମାସ ଶେଷ ସୁଦ୍ଧା ପୁରୀରେ ଶ୍ରୀଜିଉଙ୍କ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ତାରାତାରିଣୀ ଦର୍ଶନ ବେଳେ ମନ୍ତ୍ରୀ କହିଛନ୍ତି ଯେ ସପ୍ତାହେ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇଯିବ। ଏହି ପରିଚାଳନା କମିଟି ଗଠନ ହେବା ପରେ ହୁଣ୍ଡି ଉଠାଇବା ନେଇ ନିଷ୍ପତ୍ତି ନିଆଯିବ । ଏହି ନିଷ୍ପତ୍ତିକୁ ପରିଚାଳନା କମିଟିର ଅନୁମୋଦନ ପରେ ସରକାରଙ୍କ ନିକଟକୁ ପଠାଯିବ। ରାଜ୍ୟ ସରକାର ଏହା ଉପରେ ଅନୁମତି ପ୍ରଦାନ କରିବା ପରେ ହୁଣ୍ଡି ସ୍ଥାନାନ୍ତର କରାଯିବ।

ଆଇନ୍ ମନ୍ତ୍ରୀ କହିଛନ୍ତି ଯେ, ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡି ଦର୍ଶନ ବ୍ୟବସ୍ଥା ନିମନ୍ତେ ଇତି ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଏହି ବ୍ୟବସ୍ଥା ହେଉଛି। ଏହା ଦ୍ୱାରା ଭକ୍ତମାନେ ଶୃଙ୍ଖଳିତ ଭାବେ ଶ୍ରୀଜୀଉଙ୍କ ଦର୍ଶନ କରିପାରିବେ। ଧାଡ଼ି ଦର୍ଶନ ବ୍ୟବସ୍ଥା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଥିବା ନେଇ ଭକ୍ତ ଓ ଶ୍ରଦ୍ଧାଳୁ ଏହାକୁ ସ୍ୱାଗତ କରିଛନ୍ତି।



ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀମନ୍ଦିରରେ ଜାନୁଆରୀ ମାସରୁ ଧାଡି ଦର୍ଶନ ବ୍ୟବସ୍ଥା ଲାଗୁ ହେବ ବୋଲି ପୂର୍ବରୁ କୁହାଯାଇଥିଲା।

## ଓଇଆର୍‌ସି ଅଧ୍ୟକ୍ଷ ଭାବେ ଶପଥ ନେଲେ ପ୍ରଦୀପ ଜେନା



ଭୁବନେଶ୍ୱର, ୮।୪ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଙ୍ଗଳବାର ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ର ଅଧ୍ୟକ୍ଷ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜଭବନ ସ୍ଥିତ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଶ୍ରୀ ଜେନାଙ୍କୁ ଓଇଆରସିର ଅଧ୍ୟକ୍ଷ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଇଲେକ୍ଟ୍ରିସିଟି ଆକ୍ଟ - ୨୦୦୩ ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଗତ ମାର୍ଚ୍ଚ ୨୮ ତାରିଖରେ ପ୍ରଦୀପ କୁମାର ଜେନା, ଆଇଏଏସ୍ (ଅବସରପ୍ରାପ୍ତ)ଙ୍କୁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ସଂପର୍କିତ ବିଜ୍ଞପ୍ତି ଜାରି କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଶ୍ରୀ ଜେନା ପୂର୍ବରୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ତଥା ମୁଖ୍ୟ ଶାସନ ସଚିବ ଭାବେ ଦକ୍ଷତାର ସହ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ।

ଏହି ଶପଥ ପାଠ ଗ୍ରହଣ ସମାରୋହରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ଶାସନ ସଚିବ ତଥା ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ନିଟ୍-ୟୁଜି ୨୦୨୪ ପେପର ଲିକ୍ ମାମଲାର ଅବସାନ

ନୂଆଦିଲ୍ଲୀ, ୮।୪

ନିଟ୍-ୟୁଜି ୨୦୨୪ ପରୀକ୍ଷା ମାମଲାର ଅବସାନ ଘଟିଛି। ଦୀର୍ଘ ସମୟ ଧରି ବିଚାର ବିଭାଗୀୟ ତର୍ଜମା ଓ ଆଇନଗତ ବିତର୍କ ପରେ ପେପର ଲିକ୍ ମାମଲାର ଅନ୍ତ ଘଟାଇଛନ୍ତି ସୁପ୍ରିମକୋର୍ଟ । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏ ଦ୍ୱାରା ପରିଚାଳିତ ନିଟ୍-ୟୁଜି ନେଇ ଦୀର୍ଘ ବିତର୍କ ଜାରି ରହିଥିଲା। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପ୍ରସଙ୍ଗରେ ଗଠିତ ବିଶେଷଜ୍ଞ କମିଟି ପକ୍ଷରୁ ନିର୍ଦ୍ଧାରିତ ସମସ୍ତ ପ୍ରସ୍ତାବକୁ ମାନିବେ ବୋଲି କେନ୍ଦ୍ର ସରକାର କହିବା ପରେ ଏହି ମାମଲାର ଅନ୍ତ ଘଟିଛି।



ସଲିସିଟର ଜେନେରାଲ ତୁଷାର ମେହଟ୍ଟାଙ୍କ ପକ୍ଷରୁ ରିପୋର୍ଟ ଦାଖଲ ପରେ ଏହି ରାୟ ଶୁଣାଇଛନ୍ତି ଜଷ୍ଟିସ ପି.ଏସ. ନରସିହ୍ମା ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ। ତୁଷାର ମେହଟ୍ଟା ଦର୍ଶାଇଥିଲେ ବିଶେଷଜ୍ଞ କମିଟିର ୭ ସଦସ୍ୟଙ୍କ ମଧ୍ୟରୁ ଜଣେ ସଦସ୍ୟ ତଥା ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କେ. ରାଧାକ୍ରିଷ୍ଣନଙ୍କ ବ୍ୟତୀତ ଅନ୍ୟ ସମସ୍ତ (ପୃଷ୍ଠା ୭ରେ)

# ଲାଗୁ ହେଲା ୱକଫ୍ ସଂଶୋଧନ ଆଇନ

ନୂଆଦିଲ୍ଲୀ, ୮।୪

ୱକଫ୍ (ସଂଶୋଧନ) ଆଇନ-୨୦୨୫ ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଛି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ମନ୍ତ୍ରଣାଳୟ କହିଛି ଯେ ୱାକଫ (ସଂଶୋଧନ) ଆଇନ (୨୦୨୫)ର ୧୪ ଧାରା (୧)ର ଉପ-ଧାରା (୨) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି କେନ୍ଦ୍ର ସରକାର ୮ ଏପ୍ରିଲ, ୨୦୨୫ ଠାରୁ ଆଇନର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି।

ସୂଚନାଯୋଗ୍ୟ ଯେ, ବିରୋଧୀଙ୍କ ବିରୋଧ ଏବଂ ହଟ୍ଟଗୋଳ ମଧ୍ୟରେ ଏହି ବିଲ୍ ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା। ରାଜ୍ୟସଭାରେ ବିଲ ସପକ୍ଷରେ ୧୨୮ ଏବଂ ବିପକ୍ଷରେ ୯୫ ଭୋଟ ପଡ଼ିଥିଲା। ଲୋକସଭାରେ ଏହା ସପକ୍ଷରେ ୨୮୮ ଏବଂ ବିପକ୍ଷରେ ୨୩୨ ଭୋଟ ପଡ଼ିଥିଲା। ବିରୋଧୀ ଦଳଗୁଡ଼ିକ ଉଭୟ ଗୃହରେ ଏହାକୁ ବିରୋଧ କରି ଏହାକୁ ଅସାମ୍ବିଧାନିକ ବୋଲି କହିଥିଲେ।




ହେଲେ ୱାକଫ (ସଂଶୋଧନ) ଆଇନ-୨୦୨୫ ସମ୍ପର୍କରେ, (ପୃଷ୍ଠା ୭ରେ)

# ମେ’ ଦ୍ୱିତୀୟ ସପ୍ତାହରେ ବାହାରିବ ମାଟ୍ରିକ ରେଜଲ୍ଟ

କଟକ, ୮।୪
ନ୍ୟୁଜ୍ ବ୍ୟୁରୋ

ବର୍ତ୍ତମାନ ଦଶମ ଶ୍ରେଣୀ ଖାତା ଦେଖା ଚାଲିଥିବା ବେଳେ ଆଗାମୀ ଦୁଇଦିନ ମଧ୍ୟରେ ଏହା ସରିଯିବ। ଏହାପରେ ବାକି ସମସ୍ତ ପ୍ରକ୍ରିୟା ସାରିବା ପରେ ଆସନ୍ତା ମେ’ ମାସ ଦ୍ୱିତୀୟ ସପ୍ତାହରେ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବ। ଏନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ। ଚଳିତବର୍ଷ ଏଆଇ ଏବଂ କ୍ୟୁଆର କୋଡ଼ ଦ୍ୱାରା ପରୀକ୍ଷା ପରିଚାଳନା ସଫଳ ହୋଇଛି। ବିଜ୍ଞାନ ପ୍ରଶ୍ନପତ୍ରରେ ୪ ମାର୍କ କମ ନେଇ କିଛି ଅସୁବିଧା ହେବନି ବୋଲି ସେ କହିଛନ୍ତି । ଗ୍ରେସ ମାର୍କ ସମ୍ପର୍କରେ ପରିଚାଳନା କମିଟି ନିଷ୍ପତ୍ତି ନେବ।



ଚଳିତବର୍ଷ ରାଜ୍ୟରେ ମୋଟ ୫,୧୨,୪୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ମୋଟ ୩୧୪ଟି ନୋଡାଲ କେନ୍ଦ୍ର ସ୍ଥାପନ ହୋଇଥିଲା। କଡ଼ା ଚେକିଂ ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ପରୀକ୍ଷା କେନ୍ଦ୍ର ଏବଂ ନୋଡାଲ ସେଣ୍ଟର ଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ଲଗାଯାଇଥିଲା। (ପୃଷ୍ଠା ୭ରେ)

# ଶକ୍ତିପୀଠକୁ ଉଡ଼ିବ ହେଲିକପ୍ଟର ! ଖୁବ ଶୀଘ୍ର ନୂଆ କରିଡ଼ର ଘୋଷଣା

ଭୁବନେଶ୍ୱର, ୮।୪
ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ଶକ୍ତିପୀଠ କରିଡ଼ର ମାଧ୍ୟମରେ ଓଡ଼ିଶାର କିଛି ପୁରାତନ ମନ୍ଦିରର ଗୁରୁତ୍ୱ ବଢାଇବାକୁ ଯାଉଛନ୍ତି। ଏହାରି ମାଧ୍ୟମରେ ରାଜ୍ୟରେ ରହିଥିବା ସମସ୍ତ ଶକ୍ତିପୀଠକୁ ଯୋଡାଯିବ । ସମସ୍ତ ଶକ୍ତିପୀଠ ମଧ୍ୟରେ ସମନ୍ୱୟ ରଖାଯିବ। ଏହି ଶକ୍ତିପୀଠ କରିଡ଼ର ସମ୍ପର୍କରେ ଖୁବଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯିବ। ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଗସ୍ତ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଏହି ସୂଚନା ଦେଇଛନ୍ତି।

ମଙ୍ଗଳବାର ଚୈତ୍ର ମାସର ଶେଷ ମଙ୍ଗଳବାର ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ଦର୍ଶନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ମା’ ତାରିଣୀଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି ।



ଶ୍ରୀମତୀ ପରିଡା କହିଛନ୍ତି, ରାଜ୍ୟର ଶକ୍ତିପୀଠକୁ ନେଇ ସ୍ୱତନ୍ତ୍ର କରିଡର ନିର୍ମାଣ କରାଯିବ। ଏହି କରିଡ଼ରରେ ଗଞ୍ଜାମ ଜିଲ୍ଲାର ତାରାତାରିଣୀ, ଭୈରବୀ, (ପୃଷ୍ଠା ୭ରେ)

## ନବୀନଙ୍କୁ ଭେଟିଲେ ବରିଷ୍ଠ ନେତା

ଭୁବନେଶ୍ୱର, ୮।୪
ନ୍ୟୁଜ୍ ବ୍ୟୁରୋ

ୱକ୍‌ଫ ବିଲ୍ ଝଡ ମଧ୍ୟରେ ବିଜେଡ଼ିର ବରିଷ୍ଠ ନେତାମାନେ ମଙ୍ଗଳବାର ନବୀନ ନିବାସରେ ପହଞ୍ଚି ନବୀନ ପଟ୍ଟନାୟକଙ୍କୁ ଭେଟିବା ସହ ଆଲୋଚନା ମଧ୍ୟ କରିଛନ୍ତି। ପ୍ରାୟ ଦେଢ ଘଣ୍ଟା ଧରି ଦଳୀୟ ନେତାଙ୍କ ସହିତ ଆଲୋଚନା ପରେ ଦଳରେ ଶୃଙ୍ଖଳା ବଜାୟ ରଖିବାକୁ ନେତାମାନଙ୍କୁ ନବୀନ ପଟ୍ଟନାୟକ ପରାମର୍ଶ ଦେଇଥିବା ଜଣାଯାଇଛି। ଏପରିକି ଗଣମାଧ୍ୟମରେ ବକ୍ତବ୍ୟ ନ ରଖିବାକୁ ନେତାଙ୍କୁ ବି ସେ କହିଛନ୍ତି। ନବୀନ ନିବାସରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର, ପ୍ରତାପ ଦେବ, ଅନଙ୍ଗ ଉଦୟ ସିଂହଦେଓ, ଅରୁଣ ସାହୁ , (ପୃଷ୍ଠା ୭ରେ)

## ଏକାଳ ପଖାଳ



ବିରୋଧୀ ଫିରୋଧ କିଛି ନାହିଁ ଆଉ
ଆଇନ କାନୁନୁ ହେଲା
ଦୁକୁଦୁକିଟା ଥରୁଥିଲା ଟିକେ
ଏବେ ପୁରାପୁରି ମଲା
ନାରଣ ଇଏ କି ହେଲା
ବିରୋଧୀ ଗୋଷ୍ଠୀଟା କେମିତି ବଞ୍ଚିବେ
ମାରିଲେ ଏମିତି ତାଲା।

# ସୀମାରେ ରହିବ ଇଲେକ୍ଟ୍ରୋନିକ ସର୍ଭିଲାନ୍ସ ସିଷ୍ଟମ



ଜମ୍ମୁ, ୮।୪

ଜମ୍ମୁ-କଶ୍ମୀରର ତିନି ଦିନିଆ ଗସ୍ତର ଦ୍ୱିତୀୟ ଦିନରେ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କଠୁଆର ସୀମାନ୍ତ ପୋଷ୍ଟ ବିନୟ ପରିଦର୍ଶନ କରିଥିଲେ। ଏହି ସମୟରେ ଅମିତ ଶାହା ସୀମାରେ ନିୟୋଜିତ ସୀମା ସୁରକ୍ଷା ବାହିନୀ କର୍ମଚାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ, ସେ ସୀମା ସୁରକ୍ଷା ବାହିନୀର ଶହୀଦ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିନୟ ପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ଯିଏ ୨୦୧୯ ମସିହାରେ କଠୁଆ ଜିଲ୍ଲାରେ ଅନ୍ତର୍ଜାତୀୟ ସୀମାରେ ଡ୍ୟୁଟି ସମୟରେ ସର୍ବୋଚ୍ଚ ବଳିଦାନ ଦେଇଥିଲେ । ଏହା ପୂର୍ବରୁ ୨୦୨୧ ମସିହାରେ, ସେ ଜମ୍ମୁ ସୀମାର ପୋଷ୍ଟ ମକାଲ ପରିଦର୍ଶନ କରିଥିଲେ।

ଅମିତ ଶାହା କହିଛନ୍ତି ଯେ ଦେଶର ସୀମାକୁ ସୁରକ୍ଷା ଦେବା ପାଇଁ ସରକାର ଇଲେକ୍ଟ୍ରୋନିକ ନିରୀକ୍ଷଣ ପ୍ରଣାଳୀ ନିୟୋଜିତ କରୁଛନ୍ତି ଏବଂ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ପ୍ରତିହତ କରିବା ପାଇଁ ସୀମା ଚାରିପାଖରେ ଥିବା ସୁଡ଼ଙ୍ଗଗୁଡ଼ିକୁ ଚିହ୍ନଟ ଏବଂ ନଷ୍ଟ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯିବ। କଠୁଆ ଜିଲ୍ଲାର ହୀରାନଗର ସେକ୍ଟରରେ ଅନ୍ତର୍ଜାତୀୟ ସୀମା ନିକଟରେ ଥିବା ଫରୱାର୍ଡ ସୀମା ଆଉଟପୋଷ୍ଟ ବିନୟ ପରିଦର୍ଶନ ସମୟରେ (ପୃଷ୍ଠା ୭ରେ)

# ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୮।୪
ନ୍ୟୁଜ୍ ବ୍ୟୁରୋ

ପ୍ରବଳ ଗରମ ଉପରେ ବ୍ରେକ ଲାଗିବ। ଅସହ୍ୟ ତାତିରୁ ତ୍ରାହି ମିଳିବ। ବଙ୍ଗୋପସାଗରରେ ସୁଦୃଶ୍ୟ ଲଘୁଚାପ ପ୍ରଭାବରେ ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ଏହା ଆସନ୍ତା ୨୪ ଘଣ୍ଟା ଯାଏଁ ଉତ୍ତର, ଉତ୍ତର-ପଶ୍ଚିମ ଦିଗରେ ଗତି କରି ରିକର୍ଭ କରି ଉତ୍ତର, ଉତ୍ତର-ପୂର୍ବ ଦିଗକୁ ଗତି କରି ସମୁଦ୍ରରେ ଦୁର୍ବଳ ହେବ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏହିଭଳି ପୂର୍ବାନୁମାନ କରିଛି।

ସେହିପରି ପାଣିପାଗ ବିଭାଗ ଉପକୂଳ ଓଡ଼ିଶାରେ କାଳବୈଶାଖୀ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ୧୨ ତାରିଖ ଯାଏଁ ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ବର୍ଷା ନେଇ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ବର୍ଷା ପ୍ରଭାବରେ ରାଜ୍ୟରେ ତାପମାତ୍ରା କମିବ ବୋଲି ପୂର୍ବାନୁମାନ (ପୃଷ୍ଠା ୭ରେ)



ସମ୍ପାଦକୀୟ

31 YEARS ସମ୍ବାଦ କଳିକା

# ସର୍ବ ନିମ୍ନ ସ୍ତରକୁ ଖସିଲା ମ୍ୟୁଚୁଆଲ ଫଣ୍ଡ

ମାର୍କେଟ୍‌ରେ ମାନ୍ଦାବସ୍ଥା ଯୋଗୁ ମ୍ୟୁଚୁଆଲ ଫଣ୍ଡ ଇକ୍ୱିଟିରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଫେବୃଆରୀରେ ଇକ୍ୱିଟି ମ୍ୟୁଚୁଆଲ୍ ପ୍ରବାହ(ଇନ୍‌ଫ୍ଲୋ) ୨୬% ହ୍ରାସ ପାଇଛି। ଜାନୁଆରୀ ମାସରେ ଏହା ୩୯,୬୮୭ କୋଟି ଟଙ୍କା ଥିଲା। ଏବେ ୨୯,୩୦୩ କୋଟି ଟଙ୍କାକୁ ହ୍ରାସ ପାଇଛି। ଫଳରେ ମ୍ୟୁଚୁଆଲ ଫଣ୍ଡ ପ୍ରବାହ ୧୦ ମାସର ସର୍ବ ନିମ୍ନ ସ୍ତରକୁ ଖସି ଯାଇଛି। ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ୍ ସଂଘ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବର୍ତ୍ତମାନ ମାନ୍ଦାବସ୍ଥା ଯୋଗୁ ନିବେଶକମାନେ ନିବେଶ ଅପେକ୍ଷା ଅଧିକ ସତର୍କ ଅବଲମ୍ବନ କରୁଛନ୍ତି। ଯାହା ବଜାର ଅସ୍ଥିରତା ମୁଖ୍ୟ କାରଣ ପାଲଟିଛି। ସେହିପରି ଡେବ୍ଟ ମ୍ୟୁଚୁଆଲ ଫଣ୍ଡରେ ଫେବ୍ରୁଆରୀ ମାସରେ ୬,୫୨୫ କୋଟି ଟଙ୍କାର ବାହାର କରାଯାଇଛି। ତେବେ ଜାନୁଆରୀରେ ଓଲଟି ୧.୨୮ ଲକ୍ଷ ନିବେଶ ହୋଇଥିଲା। ଡେବ୍ଟ ମ୍ୟୁଚୁଆଲ୍ ଫଣ୍ଡ ହେଉଛି ଏକ ପ୍ରକାରର ନିବେଶ ମାଧ୍ୟମ, ଯେଉଁଥିରେ ବିଭିନ୍ନ ନିବେଶକଙ୍କଠାରୁ ଟଙ୍କା କାଢ଼ି ଏହାକୁ ମୁଖ୍ୟତଃ ସରକାରୀ ବଣ୍ଡ, କର୍ପୋରେଟ୍ ବଣ୍ଡ ଏବଂ ଟ୍ରେଜେରୀ ବିଲ୍ ଭଳି ସ୍ଥିର-ଆୟ ସିକ୍ୟୁରିଟିରେ ନିବେଶ କରେ। ଯାହା ଇକ୍ୱିଟି ନିବେଶ ତୁଳନାରେ କମ୍ ରିସ୍କ ଥାଏ ରିଟର୍ଣ୍ଣ ସୁନିଶ୍ଚିତ ହୋଇଥାଏ। ଏହି ହ୍ରାସ ସତ୍ତ୍ୱେ ସେକ୍ଟୋରାଲ ଓ ଥିମାଟିକ ଫଣ୍ଡସ(ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିବେଶ)ରେ ନିବେଶ ବଢିଛି। ଏଥିରେ ୫,୭୧୧ କୋଟି ଟଙ୍କା ନିବେଶ ଆସିଛି। ଫଳରେ ୧୧ଟି ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ମଧ୍ୟରେ ନିବେଶ ଆକର୍ଷଣ କରିବାରେ ଏହା ଶୀର୍ଷରେ ରହିଛି। ସେହିପରି ଏହା ପଛକୁ ରହିଛି ଫ୍ଲେକ୍ସି କ୍ୟାପ୍ ଫଣ୍ଡସ। ଏଥିରେ ବି ୫,୧୦୪ କୋଟି ନିବେଶ ହୋଇଛି। ମ୍ୟୁଚୁଆଲ୍ ଫଣ୍ଡ ପ୍ରବାହ ହ୍ରାସ ପାଉଥିବାରୁ, ଯେଉଁମାନେ ସେମାନଙ୍କ ନିବେଶକୁ ବିଭିନ୍ନ କ୍ଷେତ୍ରରେ ନିବେଶ କରି ରିସ୍କ ହ୍ରାସ କରିବାକୁ ଚାହୁଁଛନ୍ତି ସେମାନେ ନିବେଶର ଭଲ ବିକଳ୍ପ ଗୁଡ଼ିକ ଜାଣି ରଖିବା ଦରକାର। ଇକ୍ୱିଟି ସେଭିଂ ଫଣ୍ଡ, ବାଲାନ୍ସଡ୍ ଆଡଭାଣ୍ଟେଜ ଫଣ୍ଡ, ମଲ୍ଟି-ଆସେଟ୍ ଫଣ୍ଡ ଏବଂ ଆସେଟ୍ ଆଲୋକେଟର ଫଣ୍ଡ ଭଳି ହାଇବ୍ରିଡ୍ ଫଣ୍ଡଗୁଡ଼ିକ ଇକ୍ୱିଟି ଏବଂ ଡେବ୍ଟ ମିଶ୍ରିତ ଫଳାଫଳ ପ୍ରଦାନ କରନ୍ତି, ସମ୍ଭାବ୍ୟ ରିଟର୍ଣ୍ଣ ବଜାୟ ରଖିବା ସହିତ ରିସ୍କ ହ୍ରାସ କରିବାରେ ମଧ୍ୟ ଏହା ସହଯୋଗ କରେ। ମ୍ୟୁଚୁଆଲ ଫଣ୍ଡ ଇଣ୍ଡଷ୍ଟ୍ରୀରେ ଟୋଟାଲ ଆସେଟ ଅଣ୍ଡର ମ୍ୟାନେଜମେଣ୍ଟ(ଏୟୁଏମ) ୪ ପ୍ରତିଶତ ହ୍ରାସ ପାଇ ଜାନୁଆରୀର ୬୬.୯୮ ଲକ୍ଷ କୋଟିରୁ ଫେବ୍ରୁଆରୀରେ ୬୪.୨୬ କୋଟି ଟଙ୍କାକୁ ଖସି ଆସିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

ସତ୍ୟ ଭାଗବତ
ଭଗବାନ
ହେ ପ୍ରଭୁ ଜଗତ ନାଥ
ମୁଁ
ଇଣ୍ଡରୁ ପିଣ୍ଡ ପରିଯନ୍ତେ
ଘୁରୁଛି ମୁହିଁ ଦିବା ରାତ୍ରେ
(୧)
ନାହିଁ ମୋହର ଠାବରାବ
ଭକତ ମୋର ମନ ଭାବ
(୨)
ଦେଖିଲି ସକଳ ଅନ୍ତରେ
ମାୟା ମୋହରେ
ନିରନ୍ତରେ (୩)
ଆକେଶେ ଉଡି ମୁଁ
ବୁଲୁଛି
ଜଳରେ ବୁଡି ମୁଁ ବୁଲୁଛି
(୪)
ସ୍ଥଳରେ ସଦା ଭ୍ରମୁଅଛି
ଅନଳେ ସଦା ସାକ୍ଷୀଅଛି
(୫)
ବାୟୁରେ ସର୍ବଦା ଘୁରୁଛି
ପ୍ରାଣୀର ହୃଦେ ଭ୍ରମୁଅଛି
(୬)
ମୋ ମାୟା ମୋତେ
ଅଗୋଚର
କାହୁଁ ଜାଣିବେ ନର ଛର
(୭)
ଜୀବ ଜଗତ ମାୟା ଘର
ସେ କାହୁଁ ଭଜିବ ଠାକୁର
(୮)
କୀଟରୁ ବ୍ରହ୍ମ ପରିଯନ୍ତେ
ସକଳ ଘଟେ ସଦା
ସ୍ଥିତେ (୯)
ଭକ୍ତର ଭାବେ
ବନ୍ଧାହୋଇ
ଦିନ କାଟୁଛି ସଦା ମୁହିଁ
(୧୦)
ମୁଁ ନିରାକାର ନିରଞ୍ଜନ
ଶୂନ୍ୟରୁ ଶୂନ୍ୟ
ମହାଶୂନ୍ୟ (୧୧)
ଯାହା ଦେଖୁଛୁ ଏ
ନୟନେ
ଏ ସର୍ବ ମୋ ମାୟା
ଭିଆଣେ (୧୨)
ସେ ମାୟା କୂପ ଅତି
ଗରୁ
ଗୁରୁଙ୍କ କୃପା ତହୁଁ କରୁ
(୧୩)

(କ୍ରମଶଃ)

# ସାହିତ୍ୟ ଏକାଡ଼େମୀର ବିଗ୍ ବସ୍ (୨)



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପୁଣି ଏକାଡ଼େମୀର ସଭାପତି ଓ ଉପସଭାପତି ପଦ ମଧ୍ୟ ମନୋନୀତ ବ୍ୟକ୍ତି ବିଶେଷଙ୍କଦ୍ୱାରା ପୂରଣ କରାହୁଏ। ଯଦି କାର୍ଯ୍ୟକାରୀ ସମିତିର ସଭ୍ୟମାନେ ସାଧାରଣ ପରିଷଦର ମନୋନୀତ ସଭ୍ୟମାନଙ୍କଦ୍ୱାରା ନିର୍ବାଚିତ ହେଉଛନ୍ତି, ତେବେ ସଭାପତି ଓ ଉପସଭାପତି ପଦ ମଧ୍ୟ ସେମାନଙ୍କଦ୍ୱାରା ପୂରଣ ହେବାର ଯୁକ୍ତି ରହୁଛି। ସାଧାରଣ ପରିଷଦର ମନୋନୀତ ସଭ୍ୟମାନଙ୍କର ଅଭିଜ୍ଞତା, ଯୋଗ୍ୟତା ଓ ସଂସ୍କୃତିପ୍ରୀତିଠାରୁ ସେମାନେ ସମ୍ଭବତଃ ଊର୍ଦ୍ଧ୍ୱରେ? ଯଦି ଏପରି, ତେବେ କେଉଁ ଭାବରେ ସେମାନଙ୍କର ଯୋଗ୍ୟତା ମପା ଯାଇଥାଏ ତାହା ମଧ୍ୟ ସାଧାରଣ ପରିଷଦର ଜାଣିବାର କଥା। କେବଳ ରାଜ୍ୟ ସାହିତ୍ୟ ଏକାଡ଼େମୀ ନୁହେଁ କେନ୍ଦ୍ରରେ ମଧ୍ୟ ଏହିପରି ଅବସ୍ଥା। ପ୍ରାବନ୍ଧିକ, କବି, ନାଟ୍ୟ ଲେଖକ, ଐତିହାସିକ ଓ ଗଳ୍ପ ଲେଖକ ପ୍ରତିଭାମାନଙ୍କୁ ନେଇ ହିଁ ସାହିତ୍ୟ ଏକାଡ଼େମୀମାନ ଗଠିତ ହେଉଛି। ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଉନ୍ନତି ନିମନ୍ତେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସୁଥିବା ବ୍ୟକ୍ତିବିଶେଷ ଏଥିରୁ ବାଦ୍ ଯିବା ଉଚିତ୍ ନୁହେଁ। କାରଣ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସେମାନଙ୍କର ଯେପରି ତ୍ୟାଗ ଥାଏ ତାହା ଅନ୍ୟମାନଙ୍କଠାରୁ ତାହା ନିଶ୍ଚିତ ଭାବରେ ଅଲଗା। ଏପରି ଅବସ୍ଥାରେ ଜଣେ ବା ଦୁଇଜଣ ବିଗ୍ ବସ୍‌ଙ୍କଦ୍ୱାରା ଏପରି ସବୁ ସଂସ୍ଥା ପରିଚାଳିତ ହେଲେ ସାହିତ୍ୟର ଉନ୍ନତି ପରିବର୍ତ୍ତେ ଅଧୋଗତି ହିଁ ହୋଇଥାଏ। ପ୍ରତି ଜିଲ୍ଲାରେ ଏହିଭଳି ବହୁ ପ୍ରତିଭା ବଞ୍ଚିରହିଛନ୍ତି। ସେମାନଙ୍କୁ କେହି ଜାଣୁନାହାନ୍ତି। ବଣମଲ୍ଲୀ ବଣରେ ଫୁଟି ଝଡ଼ିପଡ଼ିଲା ଭଳି ସେମାନେ ନିଜ ପରିସର ମଧ୍ୟରେ ଲିଭି ଯାଇଥାନ୍ତି। ସେହିସବୁ ପ୍ରତିଭାମାନଙ୍କୁ ନେଇ ଭୋଟର ତାଲିକା ଭଳି ଏକ ତାଲିକା ସରକାରଙ୍କ ପକ୍ଷରୁ କରାଯିବାର ଆବଶ୍ୟକତା ରହିଛି। ପ୍ରତି ଜିଲ୍ଲା ପାଇଁ ନିର୍ଦ୍ଧାରିତ ସଭ୍ୟ/ସଭ୍ୟାମାନେ ସେମାନଙ୍କଦ୍ୱାରା ଭୋଟରେ ନିର୍ବାଚିତ ହୋଇ ଏକାଡ଼େମୀର ସାଧାରଣ ପରିଷଦର ସଭ୍ୟ ହୋଇପାରନ୍ତେ ଓ ସେମାନଙ୍କଦ୍ୱାରା କାର୍ଯ୍ୟକାରୀ ସମିତି ସହ ସଭାପତି ଓ ଉପସଭାପତି ପଦମାନ ମଧ୍ୟ ପୂରଣ ହୋଇପାରନ୍ତା। ଆଉ ଏହା ହୁଅନ୍ତା ଏକ ସୁସ୍ଥ ପରମ୍ପରା। ଏପରି ହେଲେ ଏଥିରେ କେହି ଅସୁଖୀ ହୁଅନ୍ତେ ନାହିଁ କି ସମାଲୋଚନାର ବଳୟକୁ ଏହା ଆସନ୍ତା ନାହିଁ।

ସାଧାରଣ ପରିଷଦ, କାର୍ଯ୍ୟକାରୀ ସମିତିସଭ୍ୟଙ୍କ ସହ ସଭାପତି ଓ ଉପସଭାପତି ପଦ ପୂରଣ ସଂପର୍କୀୟ ଆଲୋଚନା ଆଗରୁ ହୋଇସାରିଛି। ଅତୀତରେ ମୋର ଜଣେ ଘନିଷ୍ଠ ବନ୍ଧୁ ସାହିତ୍ୟ ଏକାଡ଼େମୀର ସଭାପତି ପଦ ପାଇବା ନିମନ୍ତେ ବିଶେଷ ଲାଳାୟିତ ଥିଲେ। ତାଙ୍କର ସଭାପତି ପଦ ଅଳଂକୃତ କରିବାର ସମସ୍ତ ଯୋଗ୍ୟତା ଥିଲା ବୋଲି ମୁଁ ମନେ କରିଥିଲି। ସେତେବେଳର ସଂସ୍କୃତି ମନ୍ତ୍ରୀଙ୍କ ନିକଟରେ ସେ ନିଜେ ଯିବା ସହ ଅନ୍ୟ କେତେକ ବିଶିଷ୍ଟ ଲୋକଙ୍କୁ ସୁପାରିସ କରିବା ପାଇଁ ପଠାଇଥିଲେ। ସଂପୃକ୍ତ ମନ୍ତ୍ରୀ ମହୋଦୟ ସେମାନଙ୍କୁ ଉତ୍ତର ଦେଲେ ଯେ ବହୁ ଚାପ ଏପରି ନିଯୁକ୍ତିରେ ହେଲାଣି। ତେବେ ସେହି ବାବୁଙ୍କ ନାମକୁ ବି ସେଥିସହ ଯୋଡ଼ି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଦେବେ ଓ ସେଠାରେ ଯାହା ନିଷ୍ପତ୍ତି ନିଆଯିବ। ଯଦି ମନୋନୀତରେ ସଭାପତି ବା ଉପସଭାପତି ପଦ ପୂରଣ ହେଉଛି ତେବେ ମନ୍ତ୍ରୀ ମହୋଦୟଙ୍କର ଏପରି କହିବାର ଯଥାର୍ଥତା ଥିଲା। ତାହା ପରେ ତାଙ୍କର ଭେଟ ହେଲା ବିଗ୍ ବସ୍‌ଙ୍କ ପାଖଲୋକ ବୋଲାଉଥିବା ଜଣେ ଅନାମଧେୟ ସାହିତ୍ୟିକଙ୍କ ସହିତ। ସେ ନିଜକୁ ସାହିତ୍ୟିକ ଓ କବି ବୋଲାଇ ତାଙ୍କ ବାଜା ସେ ନିଜେ ବଜାଉଥିଲେ। ସେ କୁଆଡ଼େ କହିଲେ ଯେ ସେ ନିଶ୍ଚିତ ତାଙ୍କୁ ସଭାପତି କରାଇଦେବେ। ତେବେ ଏଥିପାଇଁ ଗୋଟାଏ ଗୁପ୍ତ ପୂଜାର ଆବଶ୍ୟକତା ଅଛି। ଏପରି ପୂଜା କ'ଣ ତାହା ବୁଝାଇ ଜିନିଷ କିଣାର ତାଲିକାଟିଏ ତାଙ୍କୁ ଧରାଇ ଦେଲେ। ସେପରି ପୂଜା କୁଆଡ଼େ କେବଳ ଉଗ୍ର ମଶାଣିରେ ହେବାର କଥା। ଉଗ୍ର ମଶାଣି କହିଲେ ଯେଉଁଠାରେ କେବଳ ବେତାଳମାନେ ବିଚରଣ କରିଥାନ୍ତି। ତେବେ ଏଥିପାଇଁ ପୁରୀ ସ୍ୱର୍ଗଦ୍ୱାର ଶ୍ମଶାନ ଉପଯୁକ୍ତ ସ୍ଥାନ ବୋଲି ସ୍ଥିର ହେଲା। ସ୍ୱର୍ଗଦ୍ୱାର ପାଖ ସମୁଦ୍ର କୂଳର ନିଛାଟିଆ ସ୍ଥାନ ଦେଖି ନିର୍ଦ୍ଧାରିତ ଦିନର ନିଶାର୍ଦ୍ଧରେ ପୂଜା ଆରମ୍ଭ ହେଲା ବେଳକୁ ପଇଁତରା ମାରୁଥିବା ଦୁଇଜଣ ସିପାହୀଙ୍କ ମୂଳିଆ ଠେଙ୍ଗା ମାଡ଼ରେ ସେହି ପୂଜା ସ୍ଥାନ ଛାଡ଼ି ବ୍ରହ୍ମଗିରି ଯିବା ବାଟ ପେଣ୍ଠକଟା (କଟକୀ ପେଣ୍ଠ) ମଶାଣିକୁ ସେମାନଙ୍କ ଡେରା ଉଠାଇ ନେଲେ। ବେତାଳ ନ ହେଲେ ବି ସେଠାରେ କୁଆଡ଼େ ମଶାଣି ଚଣ୍ଡୀଙ୍କର ଆବିର୍ଭାବ ହୋଇଥିଲା ଓ ବର ବି ମିଳିଗଲା। ମାତ୍ର ବନ୍ଧୁଜଣକ ସଭାପତି ପଦ ପାଇ ପାରିଲେ ନାହିଁ। ଏପରି କାହିଁକି ହେଲା ବୋଲି ପଚାରିବାରୁ ସେମାନଙ୍କଠାରୁ ଉତ୍ତର ମିଳିଲା ଯେ ଚଣ୍ଡୀଙ୍କ ବରଦାନ ବାଣଟା ଆକାଶ ମାର୍ଗରେ ଭୁବନେଶ୍ୱରରେ ଆସି ପହଞ୍ଚିବା ପୂର୍ବରୁ ପିପିଲିଠାରେ ତାକୁ କୁଆଡ଼େ ଅନ୍ୟ ବାଣୁଆ କାଟି ପକାଇଲେ ଇତ୍ୟାଦି। ବାଣ କଟାକଟି ଯୋଗୁ ଆକାଶରେ କେବଳ ହାଲୋର ଆଲୁଅ ସହ 'ଢୋ' ଶବ୍ଦ ଶୁଭିଲା। ଏପରି କହି ସେମାନେ ବନ୍ଧୁଜଣକୁ ବହୁ ବୁଝାଇଥିଲେ। ପୁଣି ସଭାପତି ପଦ ପାଇବା ପାଇଁ ଖୋଦ୍ ବିଗ୍ ବସ୍‌ଙ୍କ ଆଡୁ ତାଙ୍କ ଲୋକଙ୍କ ଜରିଆରେ କୁଆଡ଼େ ପ୍ରସ୍ତାବ ଆସିଲା। ଟାଣୁଆ ରାଜନେତାମାନଙ୍କ ଘର ପଛପଟ ଦ୍ୱାର ଦେଇ ମନ୍ତ୍ରୀଙ୍କ ପାଖକୁ ଗଲେ ହିଁ ଏପରି ସୌଭାଗ୍ୟ କୁଆଡ଼େ ତାଙ୍କୁ ମିଳିପାରିବ ବୋଲି ସେମାନେ ନିଶ୍ଚିତ ପ୍ରତିଶ୍ରୁତି ଦେଲେ। ତେବେ ବନ୍ଧୁଙ୍କ ମୁହଁ ସେତେବେଳକୁ ଆମ୍ବିଳା ହୋଇଯାଇଥିଲା। କୋଣାର୍କ ପାଖ ଚନ୍ଦ୍ରଭାଗା ତୀର୍ଥରେ ଆଉ ବୁଡ଼ ପକାଇବା ପାଇଁ ଯିବାକୁ ତାଙ୍କର ମନ ହେଲା ନାହିଁ। କଥାରେ ଅଛି "ଥରେ ଗଲେ ଚନ୍ଦ୍ରଭାଗା, ମୁହଁ ପଡ଼ିଯାଏ ରଙ୍ଗା, ବଉଳଲୋ।" ଏପରି କାହାଣୀର ସତ୍ୟତା କେତେ ତାହାର ଆକଳନ ଆମେ କରିପାରୁ ନାହୁଁ। ମାତ୍ର ଏସବୁ ଆଲୋଚନା ଏବେବି ବନ୍ଧୁମାନଙ୍କ ଗହଣରେ ହେଲେ ହସର ଆସର ବେଶ୍ ଜମି ଉଠେ।

ସାହିତ୍ୟ ଏକାଡ଼େମୀର ରାଜା ରାମମୋହନ ଫଣ୍ଡ୍‌ରୁ ପୁସ୍ତକ କିଣା ନିମନ୍ତେ ଚୟନ ପ୍ରକ୍ରିୟା ସହ ଲେଖକ ପୁରସ୍କାର ଦେବା ଇତ୍ୟାଦିରେ ସେହି ବିଗ୍ ବସ୍‌ମାନେ ପରୋକ୍ଷରେ ହସ୍ତକ୍ଷେପ କରିବାର ଶୁଣିବାକୁ ମିଳେ। ଏହି ପୁସ୍ତକ ଚୟନ ସଂପର୍କୀୟ ଆଲୋଚନା ଅନ୍ୟତ୍ର ହୋଇସାରିଛି।

ପୁଣି ଡାଳମାଙ୍କୁଡ଼ି ଖେଳୁଆଡ଼ ତଥା ନିଜେ ନିଜର ବାଜା ବଜାଉଥିବା ବହୁ ସାହିତ୍ୟିକ ଅଛନ୍ତି। ଡାଳମାଙ୍କୁଡ଼ି ଖେଳ କହିଲେ ଆମ୍ବ ତୋଟାମାନଙ୍କରେ ମାଙ୍କଡ଼ମାନଙ୍କର ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଡେଇଁ ସେଥିରେ ଝୁଲି ଦୋଳି ଖେଳିବାକୁ ହିଁ ବୁଝାଯାଏ। ବିଶେଷତଃ ଆମ୍ବ କଷି ହେବାଠାରୁ ପାଚିବା ପର୍ଯ୍ୟନ୍ତ ତୋଟାମାନଙ୍କରେ ଏପରି ଖେଳ ପ୍ରାୟଶଃ ଦେଖିବାକୁ ମିଳେ। ସେହିଭଳି ଡାଳମାଙ୍କୁଡ଼ି ଖେଳର ବହୁ ଓସ୍ତାଦ ବି ସାହିତ୍ୟିକ ଭାବରେ ନିଜ ନିଜର ଆସ୍ଥାନ ମାଡ଼ି ବସିଥାନ୍ତି। ମାଙ୍କଡ଼ମାନଙ୍କ ଭଳି ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲେ ଯେ ବିଗ୍ ବସ୍‌ମାନଙ୍କୁ ପ୍ରଭାବିତ କରି କିଏ କେତେ ଗଛର ଉପର ଡାଳକୁ ଉଠି ପାରୁଛି। ସଭାମଣ୍ଡପ ଉପରେ ଗେଣ୍ଡୁଫୁଲର ମାଳମାନ ଗଳାରେ ଲମ୍ବାଇ କଳଗାଉଣା ଭଳି ଭାଷଣ ଦେବାରେ ସେମାନେ ବେଶ୍ ଧୁରନ୍ଧର ଓ ଏଥିପାଇଁ ଜନତାଙ୍କଠାରୁ ବେଶ୍ ପ୍ରଶଂସିତ ବି ହୁଅନ୍ତି। ତୋଫାନୀ ଭାଷଣ ଶୁଣି ଦର୍ଶକଙ୍କ ପଟରୁ ବି ତାଳିମାଡ଼ ହୁଏ। ବହୁ ଉଚ୍ଚରେ ଥିବା ପ୍ରତିଭାମାନଙ୍କ କାନ୍ଧ ଉପରେ ଗୋଡ଼ ଦେଇ ସେମାନଙ୍କଠାରୁ ନିଜେ ବହୁ ଉଚ୍ଚରେ ଅଛନ୍ତି ବୋଲି ସଭାରେ ଜଣାଇଦେବାକୁ ଦ୍ୱିଧା କରନ୍ତି ନାହିଁ। ସେପରି କୌଣସି ପ୍ରତିଭାଙ୍କୁ ସମ୍ମୁଖ ଶ୍ରୋତା ମେଳରେ ବସିଥିବା ଦେଖିଲେ ଭାଷଣଟା ବେଶ୍ ଆସର ଜମାଏ। ଏହାହିଁ ସମାଜରେ ଥିବା ଅବହେଳିତ ବରେଣ୍ୟ କବି ଓ ଲେଖକମାନଙ୍କ ପ୍ରତି ସେମାନଙ୍କର ପରୋକ୍ଷରେ ଉପହାସ। ଓଡ଼ିଶାର ଭାଷା ଓ ସଂସ୍କୃତି ରକ୍ଷା ନିମନ୍ତେ ସାମାନ୍ୟତମ ଅବଦାନ ନଥିବା ଏହି ପରାଙ୍ଗପୁଷ୍ଟ ଦିଗହରାମାନେ ହିଁ ସାହିତ୍ୟ ଓ ସଂସ୍କୃତିର ଉନ୍ନତିରେ ସଂପୂର୍ଣ୍ଣ ବାଧକ ସାଜିଛନ୍ତି। ସାହିତ୍ୟ ବା ଅନ୍ୟ ଏକାଡ଼େମୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବିଧାନରେ କେତେକ ଧାରା ବଦଳାଇ ଉପର ଆଲୋଚିତ ପ୍ରସ୍ତାବଗୁଡ଼ିକ ଗ୍ରହଣ କରିନେବାରେ କୌଣସି ବାଧକତା ନାହିଁ। ତେବେ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ? ବର୍ତ୍ତମାନର ମାନ୍ୟବର ସଂସ୍କୃତି ମନ୍ତ୍ରୀ ତଥା ପ୍ରମୁଖ ଶାସନ ସଚିବ ଯଦି ସାମାନ୍ୟ ଉଦ୍ୟମ କରନ୍ତି ତେବେ କିଛିଟା ପରିବର୍ତ୍ତନ ହେବା ସହ ଏହି ବିଗ୍ ବସ୍‌ମାନଙ୍କ କବଳରୁ ରକ୍ଷା ମିଳିପାରନ୍ତା।

# ବନ୍ଦେ ଉତ୍କଳ ଜନନୀ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭



ବଙ୍ଗୋପସାଗର କୂଳରେ ଓଡ଼ିଶା ରାଜ୍ୟ ଅବସ୍ଥିତ, ଏହା ଏକ ସମ୍ପୂର୍ଣ୍ଣ ରାଜ୍ୟ, ଏହାର ପରିସୀମା ପଶ୍ଚିମ ବଙ୍ଗ, ଛତିଶ ଗଡ଼, ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ ପ୍ରଦେଶକୁ ଛୁଇଁଛି, ଏହାର ସାମୁଦ୍ରିକ ରେଖା ପ୍ରାୟ ୪୫୦ କିଲୋମିଟର, କ୍ଷେତ୍ରଫଳ ପ୍ରାୟ ୧,୫୫,୭୦୭ ବର୍ଗ କିଲୋମିଟର , ପ୍ରଧାନ ନଦୀ ମହାନଦୀ । ବର୍ତ୍ତମାନର ଓଡିଶା ପ୍ରଦେଶ ଅତୀତରେ କଳିଙ୍ଗ , ଉତ୍କଳ, ଉଡ୍ର ଇତ୍ୟାଦି ଅନେକ ନାମରେ ପରିଚିତ ଥିଲା ସମୟ ସହିତ ତାଳଦେଇ ଅନେକ ଉତ୍ଥାନ ପତନ , ଅନେକ ଶାସକଙ୍କ ଦ୍ୱାରା ଶାସିତ ହୋଇ ଓଡିଶା ନିଜର ଗୌରବ ଆଜି ମଧ୍ୟ ବଜାୟ ରଖିଛି ବୋଲି ବହୁଳ ଭାବେ ପ୍ରଚାରିତ ହେଉଛି । ଭାରତ ବର୍ଷରେ ଯେତେ ରାଜ୍ୟ ଅଛି ତନ୍ମଧ୍ୟରୁ ଶାନ୍ତି ପ୍ରିୟ ରାଜ୍ୟ ହିସାବରେ ଓଡିଶା ଅନ୍ୟତମ , ଓଡ଼ିଶାର କଳା, ସଂସ୍କୃତି , ମନୋରମ ପ୍ରାକୃତିକ ପରିବେଶ , ସୁଦୀର୍ଘ ବେଳାଭୂମି , ସୁଉଚ୍ଚ ପର୍ବତମାଳା ସବୁଜ ଅରଣ୍ୟ ପରିବେଷ୍ଟିତ ଜିଲ୍ଲା ସମୂହ , ମନ୍ଦିର ମାଳିନୀ ସହର , ବିଶ୍ୱ ପ୍ରସିଦ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର , ଖଣିଜ ସମ୍ପଦରେ ପରିପୂର୍ଣ୍ଣ , କୃଷି ଶିଳ୍ପରେ ଅଗ୍ରଣୀ , ବାଣିଜ୍ୟ ବ୍ୟବସାୟର ପେଣ୍ଠ ସ୍ଥଳ ଏହି ଓଡିଶା ମାଟିରେ ଜନ୍ମିତ ଅନେକ ଗୁଣି ଜ୍ଞାନୀ ମହାନ ବ୍ୟକ୍ତିତ୍ୱଙ୍କ ସହିତ ସାଢେ ଚାରି କୋଟିରୁ ଉର୍ଦ୍ଧ୍ୱ ଓଡିଶା ବାସୀ ଆଜି ନିଜ ରାଜ୍ୟ ପାଇଁ ଗର୍ବିତ ହେବା ସ୍ୱାଭାବିକ କଥା, ଏଠାରେ ବିଭିନ୍ନତାରେ ଏକତା ପରିଲକ୍ଷିତ ହୁଏ । ଅତୀତର ସ୍ମୃତିକୁ ଯଦି ରୋମନ୍ଥନ କରିବା ତେବେ ଓଡିଶାକୁ ଆମେ ହୃଦୟରୁ ଅଧିକରୁ ଅଧିକ ଭଲପାଇବା , କାନ୍ତକବି ଲକ୍ଷ୍ମୀ କାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ଓଡିଶା ପ୍ରଦେଶର ରାଜ୍ୟ ସଂଗୀତର ମାନ୍ୟତା ପାଇଥିବା 'ବନ୍ଦେ ଉତ୍କଳ ଜନନୀ ... କର୍ଣ୍ଣ ଗହ୍ୱରରେ ପ୍ରବେଶ କରିବା ମାତ୍ରେ ଭକ୍ତିରେ ଲୋମ ମୂଳ ଟାଙ୍କୁରି ଉଠେ, ପ୍ରଦେଶର ସ୍ୱତନ୍ତତା ପାଇଁ ପ୍ରାଣବଳି ଦେଇଥିବା ସହିଦ , ଜୀବନକୁ ବିପନ୍ନ କରି ସଂଗ୍ରାମ କରିଥିବା ମନୀଷୀ ମାନେ ଆମର ସର୍ବଦା ପୂଜ୍ୟ । ୧୯୩୬ ମସିହା ଏପ୍ରିଲ ମାସ ୦୧ ତାରିଖ ଆମ ପାଇଁ ଏକ ସ୍ମରଣୀୟ ଦିବସ , ମିଳିତ ବିହାର- ଓଡିଶା ପ୍ରଦେଶକୁ ଅଲଗା କରି ତଥା ମାଡ୍ରାସ ପ୍ରସିଡେନ୍ସିରୁ ଗଂଜାମ ଏବଂ କୋରାପୁଟ ଜିଲ୍ଲାକୁ ଆଣି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରା ଯାଇଥିଲା । ଏଥିପାଇଁ ଅନେକ ସଂଗ୍ରାମ କରା ହୋଇଛି , ଉତ୍କଳ ଗୌରବ ମଧୁସୂଦନ ଦାସ ମହାଶୟଙ୍କ ଦ୍ୱାରା ୬୨ ଜଣ କର୍ମକର୍ତ୍ତାଙ୍କୁ ନେଇ ୧୯୦୩ ମସିହାରେ ଗଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା , ପ୍ରାୟ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ସଂଗ୍ରାମ, ବ୍ରିଟିଶ୍ ଶାସକଙ୍କ ସହିତ ବାଦାନୁବାଦ , ତ୍ୟାଗ , ବଳିଦାନର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଆଜି ଗର୍ବର ସହିତ ଛିଡା ହୋଇଛି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ, ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ , ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ଦିୱାନ ଅଥର ମହମ୍ମଦ, ସୟିଦ ମହମ୍ମଦ, ଭୁବନାନନ୍ଦ ଦାସ, ବାସୁଦେବ ସୁଢ଼ଳଦେବ ଇତ୍ୟାଦି ଅନେକ ମହାନ ଦେଶପ୍ରେମୀ ଯୋଗ ଦେଇଥିଲେ, ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ସେତେବେଳେ ଛଅ ଗୋଟି ଜିଲ୍ଲା ଥିଲା ସେଗୁଡିକ ହେଲା କଟକ, ପୁରୀ , ବାଲେଶ୍ୱର , ଗଂଜାମ, କୋରାପୁଟ ଏବଂ ସମ୍ବଲପୁର ଜିଲ୍ଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶର ପ୍ରଥମ ରାଜ୍ୟପାଳ ଭାବେ ଜନ୍ ଅଷ୍ଟିନ୍ ଶପଥ ଗ୍ରହଣ କରିଥିଲେ, ସୁଶାସକ ଏବଂ ସୁ ସଂଗଠିତ ନେତୃବୃନ୍ଦଙ୍କ ଆନ୍ତରିକତା , ଦେଶପ୍ରେମ, ନିଃସ୍ୱାର୍ଥପର ସେବା ଦ୍ୱାରା ଓଡିଶା ପ୍ରଦେଶ ଆଜି ତା'ର ଗାରିମା ବଜାୟ ରଖିଛି । ଆମେ ଓଡିଶା ପ୍ରଦେଶର ଜନ୍ମିତ ବାସିନ୍ଦା ତେଣୁ ଏହା ଆମର ଗର୍ବ , କାଳକ୍ରମେ ପ୍ରଶାସନିକ ସୁବିଧା ପାଇଁ ଜିଲ୍ଲା ସଂଖ୍ୟା ବଢି ବର୍ତ୍ତମାନ ୩୦ ରେ ପହଞ୍ଚିଛି । ଓଡିଶା ଆଜି ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇ ଦେଶର ଗୌରବ ପାଲଟିଛି ଆସନ୍ତୁ ଆମେ ସମସ୍ତେ ଶପଥ ନେବା ଓଡ଼ିଶାର ମାନ, ସମ୍ମାନ, ସଂସ୍କୃତିକୁ ସଦା ସର୍ବଦା ବଜାୟ ରଖିବା । ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ସମୟ ଉପନୀତ, ଅନ୍ୟ ଭାଷା ଶିକ୍ଷା କରିବା କିଛି ଅପରାଧ ନୁହେଁ ତେବେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ।

ପ୍ରଦେଶ ଭିତରେ ବା ପ୍ରଦେଶ ବାହାରେ ଥିବା ଅନେକ ଓଡିଶା ପ୍ରଦେଶର ବାସିନ୍ଦା ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ କିଛି ମାତ୍ରାରେ କୁଣ୍ଠା ବୋଧ କରନ୍ତି, ନିଜ ମାତୃଭାଷାକୁ ବିକୃତ କରି ଉଚ୍ଚାରଣ କରିଥାନ୍ତି, ଓଡ଼ିଶାରେ ନିଜ ମାଲିକାନାରେ ଚାଲୁଥିବା ଅନେକ ଟି: ଭି ଗୁଡିକର ଅତି ଉଚ୍ଚ ଶିକ୍ଷିତ ଆଙ୍କର/ସଂଚାଳକ ମାନଙ୍କ ଓଡ଼ିଆ ଯଦି ଆପଣ ମନ ଧ୍ୟାନ ଦେଇ ଶୁଣିବେ ତେବେ ନିଜକୁ ଓଡ଼ିଆ କହିବାକୁ ଲଜ୍ଜା ଲାଗିବ, ସେମାନେ ଓଡ଼ିଆ ତ' କହୁ ନାହାନ୍ତି ସେଥିରେ ଅର୍ଦ୍ଧାଧିକ ଇଂରାଜୀ ଓ ହିନ୍ଦୀ ଶବ୍ଦ ପ୍ରୟୋଗ କରନ୍ତି ଯେପରି 'ମାହୋଲ' ଏହା ଏକ ବାହାଦୂରୀ ନା ନିଜର ଅଜ୍ଞାନତା ? କଥାରେ ଅଛି 'ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ତେଣୁ ଆପଣ ଯେତେ ମାଠିଲେ ମଧ୍ୟ ସେହି ଦରପୋଡା କାଠ ହୋଇ ଏମାନେ ରହିବେ । ଫିସ୍ ଫିସ୍ ବ୍ୟାକରଣ ଭୁଲ ଥାଇ ଇଂରାଜୀ ନ'କହି ଖାଣ୍ଟି ଓଡ଼ିଆ କହିବା ବରଂ ଭଲ , ଓଡ଼ିଆ ଟି:ଭି କୁ ଅନେକ ସାକ୍ଷାତକାର ଦେବାକୁ ଆସିଥିବା ବିଭିନ୍ନ ବର୍ଗର ବ୍ୟକ୍ତି ଓଡ଼ିଆ କହିବା ବେଳେ 'ବଟ' 'ଆକ୍ ଚୁଆଲି' 'ସୋ' ପରି ଅନେକ ଇଂରାଜୀ ଶବ୍ଦ ଓଡ଼ିଆ ସହିତ କହିବାର ଅନେକ ଉଦାହରଣ ଅଛି, 'ଆମେ ଓଡ଼ିଆ ଆମ ଭାଷା ବଢିଆ' ଏହି କଥାର ମହତ୍ତ୍ୱ କୋଉଠି ରହିଲା? ଓଡ଼ିଆ ଭାଷାକୁ ତ' ଏମାନେ ମିଳିମିଶି ବାର ମଜା କରି ସାରିଲେଣି, ପିଲା ଜନ୍ମ ହେଉ ହେଉ ତା'କୁ ଡାଡି ମମି, ଅଙ୍କଲ୍ ଆଣ୍ଟି ଶିଖାଯାଏ, ସତେ ଯେପରି ଇଂରାଜୀ ଭାଷାଟିଏ ଶିଖି ଗଲେ ସେମାନଙ୍କର ସାତ ପୁରୁଷ ନର୍କରୁ ଉଦ୍ଧାର ପାଇ ଯିବେ । ଚୀନ, ରୁଷିଆ , ଫ୍ରାନ୍ସ , ଜର୍ମାନୀ, ଜାପାନ ଦେଶର ନାଗରିକ ମାନେ ତ' ପୁଣି ନିଜ ଭାଷାରେ କଥା ବାର୍ତ୍ତା ସହିତ ସବୁ ସରକାରୀ କାର୍ଯ୍ୟ କରନ୍ତି ତେଣୁ ଆମେ ଓଡ଼ିଆ ହୋଇ ଏତେ ଇଂରାଜୀ ପ୍ରୀତି କାହିଁକି ? ଆମ ମୁଖ ନିଃସୃତ ପ୍ରତି କଥାରେ ଇଂରାଜୀ ଶବ୍ଦ ବ୍ୟବହାର କରି ଥାଉ । ଭାଇ ଭଉଣୀ ମାନେ, ଯଦି ନିଜ ଭାଷା ପ୍ରତି କିଛିଟା ଆନ୍ତରିକତା ଅଛି ତେବେ ଚେଷ୍ଟା କରନ୍ତୁ ନିଜ ଭାଷା କିପରି ବଞ୍ଚି ରହିବ, ସରକାର ମଧ୍ୟ ଏଥିପ୍ରତି ଅନ୍ତରରୁ ଚେଷ୍ଟିତ ହେବାର ସମୟ ଉପନୀତ ।

ସ୍ୱାଧୀନତା ପ୍ରାପ୍ତିର ୭୮ ବର୍ଷ ବିତିଗଲା , ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବାର ୮୯ ବର୍ଷ ବିତିଗଲା ତଥାପି ସରକାରୀ ଅଫିସ୍ କଚେରୀ ସବୁ ଇଂରାଜୀ ଭାଷାରେ ଚାଲେ ,ଗୋରା ସାହେବ ବଦଳରେ ଏବେ କଳା ସାହେବ ମାନେ ଏହି ପ୍ରକ୍ରିୟାକୁ ଖୁବ୍ ଯତ୍ନ ସହକାରେ ଆଗେଇ ନେଉଛନ୍ତି ଏହା କ'ଣ ଓଡ଼ିଆ ଅସ୍ମିତାର ଲକ୍ଷଣ? ଅନେକ ଅଣ ଓଡ଼ିଆ ଉଚ୍ଚ ପଦ ପଦବୀରେ ଅଛନ୍ତି ସେମାନେ ଓଡ଼ିଆ ଭାଷା ପ୍ରତି ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ ଯଦିଓ ଓଡିଶା ପ୍ରଦେଶରେ ନିଯୁକ୍ତି ପାଉଥିବା ସର୍ବ ଭାରତୀୟ ଅଧିକାରୀ ମାନେ ଅତି କମରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ପଢିବାକୁ ପଡିଥାଏ । ଏହି ପରି କିଛି ବ୍ୟକ୍ତି ମାନଙ୍କ ପାଇଁ ତଥା ଆମ ମାନସିକତା ପାଇଁ ହୁଏତ ଓଡ଼ିଆ ଭାଷାକୁ ସରକାର ଆପଣେଇ ପାରୁ ନାହାନ୍ତି । ଓଡ଼ିଶାର ନେତୃତ୍ୱ ନେଉଥିବା ସର୍ବ ଦଳୀୟ ନେତା , ଅଭିନେତା, ସାଧାରଣ ଜନତା, ସରକାରୀ କର୍ମଚାରୀ , ଆଇନ ଅଦାଲତ ସବୁଠାରେ ଯଦି ଭାଷା ଆନ୍ଦୋଳନ ହୋଇ ନିଜ ମାତୃଭାଷାକୁ ଗୁରୁତ୍ୱ ଦିଆ ଯାଇ ପାରିବ ତେବେ ମୋ ଓଡିଶା , ଆମ ଓଡିଶା ଇତ୍ୟାଦି ଇତ୍ୟାଦି... ମଧୁ ବାବୁଙ୍କ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗୌରବ ବହନ କରିପାରିବ କିନ୍ତୁ ଏହା କ'ଣ ଆଗାମୀ ଦଶନ୍ଧିରେ ସମ୍ଭବ ହେବ କି? ଏଠାରେ ସବୁ କାର୍ଯ୍ୟ କେବଳ ସ୍ୱାର୍ଥ ପାଇଁ ଚାଲେ 'ଜିରୋ ରୁ ହିରୋ'( ଶୂନ୍ୟ ରୁ ପୂର୍ଣ୍ଣ) ପର୍ଯ୍ୟନ୍ତ, ଜନତାରୁ ସର୍ବ ଶକ୍ତିମାନ ନେତା ପର୍ଯ୍ୟନ୍ତ , ସେବା ପ୍ରଦାନକାରୀ ସରକାରୀ କର୍ମଚାରୀ ଠାରୁ ସ୍ୱାସ୍ଥ୍ୟ , ଶିକ୍ଷା, ତଥା ଯେତେ ବିଭାଗ ଅଛି ସବୁଠାରେ ଦୁର୍ନୀତି କ୍ୟାନ୍ସର /କର୍କଟ ରୋଗ ପରି ମାଡି ଯାଇଛି ଏହି ପରିପ୍ରେକ୍ଷୀରେ ମଧୁ ବାବୁଙ୍କ ଲିଖିତ କେଇ ପଦ ମନେ ପଡି ଯାଏ ...'ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ ? ଟାଣେ କିରେ ଗାଡି ଦାନାର ତୋବଡ଼ା ଘୋଡା ମୁହେଁ ବନ୍ଧା ଥିଲେ ?' ଆଜ୍ଞା କିଏ ମନେ ପକାଉଛି ସେହି ପୂରୁବ ଗୌରବ କଥା? ସମସ୍ତେ ଆଜି ସ୍ୱାର୍ଥପର ଏବଂ ନିଜ ତଥା ଆଗାମୀ ପାଞ୍ଚ ପିଢ଼ି ପାଇଁ ଅନ୍ୟାୟ ଅନୀତି ଉପାୟରେ ଧନ ସଂଚିବାରେ ବ୍ୟସ୍ତ ଆଉ, ଆମେ 'ଆମ ଓଡିଶା, ମୋ ଓଡିଶା' ର ଡିଣ୍ଡିମ ପିଟି କ'ଣ ସାବ୍ୟସ୍ତ କରିବାକୁ ବସିଛୁ? କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ, ସଢ଼େଇ କଳା ଖରସୁଆଁ କଥା ନ'କହିବା ଭଲ , ଉତ୍ତର ବାଲେଶ୍ୱରରେ ପଶ୍ଚିମ ବଙ୍ଗର ଜୋର ଜବରଦସ୍ତ ବାଲି ଚୋରା ଚାଲାଣ, ଓଡିଶାର ଗୋଟି ଶ୍ରମିକ ଆଜି ଭାରତର ବିଭିନ୍ନ ରାଜ୍ୟରେ ରକ୍ତକୁ ପାଣି କରି ପେଟ ପାଇଁ ଖଟୁଛନ୍ତି, କିଛି ନେତା ତଥା କିଛି ସୁବିଧା ବାଦୀ, କ୍ଷମତା ଲୋଭି ଓଡିଶାକୁ କୁଚକ୍ରାନ୍ତ କରି ବିଭିନ୍ନ ପ୍ରକାର କାରଣ ଦେଖାଇ ନିଜ ସ୍ୱାର୍ଥ ନିମନ୍ତେ ବିଭାଜିତ କରିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇ ଆସୁଛନ୍ତି । ଓଡିଶା ରାଜ୍ୟକୁ ଭାଙ୍ଗି ନୂତନ ରାଜ୍ୟ କରିବା କେତେଦୂର ଯୁକ୍ତି ଯୁକ୍ତ? ଉତ୍କଳ, ଓଡିଶା, କୋଶଳ ଇତ୍ୟାଦି ଭୌଗଳିକ ରେଖା ନ' ଟାଣି ଅନ୍ତରରୁ ନିଃସ୍ୱାର୍ଥପର ଭାବେ ଓଡିଶାକୁ ଭଲ ପାଇବା ଶିଖନ୍ତୁ । କେବଳ କ୍ଷମତା ଲୋଭ ପାଇଁ କିଛି ମୁଷ୍ଟିମେୟ ନେତା ମାନେ ପୁନଶ୍ଚ ଓଡିଶାକୁ ଭାଗ କରି ନୂତନ ରାଜ୍ୟ କରିବାକୁ ଆପ୍ରାଣ ଉଦ୍ୟମରତ। ହୁଏତ ଏହା ପଛରେ ମୁଖ୍ୟମନ୍ତ୍ରୀ ହେବାର ଅଭିଳାଷା ରହିଛି। ଯଦି ପ୍ରଦେଶର କୌଣସି ଅଂଚଳ ପାଇଁ ଅନ୍ୟାୟ ଅବିଚାର, ଶୋଷଣ, ଅସମାନତା ପରିଲକ୍ଷିତ ହେଉଛି ତେବେ ତାହାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରି ସମାଧାନ କରା ଯାଇ ପାରେ କିନ୍ତୁ ରାଜ୍ୟକୁ ଭାଗ ଭାଗ କରି ରାଜନୈତିକ ଲାଭ ଉଠାଇବା କେତେଦୂର ଯୁକ୍ତି ଯୁକ୍ତ ତାହା ଜନସାଧାରଣ ବିଚାର କରିବେ। ଯେଉଁ ନେତୃବୃନ୍ଦମାନେ ଅକ୍ଲାନ୍ତ ପରିଶ୍ରମ କରି ଓଡିଶାକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ କରିଥିଲେ ସେମାନଙ୍କୁ ଟିକେ ଅନ୍ତରରୁ ମନେ ପକାନ୍ତୁ, ବୃଥା ରାଜନୀତି ଦ୍ୱାରା ନିଜ ଗୋଡ଼କୁ ନିଜେ କୁରାଢ଼ୀ ମାରିବା ଦ୍ୱାରା ନିଜର କ୍ଷତି ସହିତ ରାଜ୍ୟ ବାସୀଙ୍କର ମଧ୍ୟ କ୍ଷତି ହେବ । ଉତ୍କଳ ଦିବସ ଅବସରରେ ସରକାରଙ୍କୁ ଅନୁରୋଧ ସରକାର ପ୍ରତ୍ୟେକ ସ୍ତରରୁ/ ବିଭାଗରୁ ଦୁର୍ନୀତିକୁ ଲୋପ କରିବାକୁ ଚେଷ୍ଟା କରନ୍ତୁ , ଦରଦାମ ଉପରେ ନିୟନ୍ତ୍ରଣ ରଖନ୍ତୁ, ବେକାରୀ ସମସ୍ୟା ଦୂର କରନ୍ତୁ , ଶହ ଶହ ବର୍ଷ ଧରି ବ୍ରିଟିଶ ଅମଳରୁ ଚାଲି ଆସୁଥିବା ତଥା ସାଧାରଣ ଲୋକଙ୍କୁ ଭୟଭୀତ କରୁଥିବା ଖାକି ପୋଷାକକୁ ସରକାରୀ ସ୍ତରରେ ବଦଳାନ୍ତୁ, ନିଶା ନିବାରଣ ଉପରେ ଗୁରୁତ୍ୱ ଦିଅନ୍ତୁ, ବଡ ବଡିଆଙ୍କ ପାଇଁ ଥିବା ଅଯଥା ପ୍ରୋଟୋକଲ କମାଇ ଦେବା ଉପରେ ବିଚାର କରନ୍ତୁ । ଗରିବ ଜନତାଙ୍କ ଟିକସ /କର ଟଙ୍କାରେ ରାଜକୀୟ ଖର୍ଚ୍ଚରେ ସେବା ଉପଭୋଗ କରିବା ଗଣତନ୍ତ୍ର ସରକାରକୁ ହୁଏତ ବିପଦରେ ପକାଇ ପାରେ । ଉତ୍କଳ ଦିବସର ଅନୁଚିନ୍ତା ଏହାହିଁ ହେବା ଉଚିତ୍ । ସନ୍ଥ ଭୀମ ଭୋଇଙ୍କ ଲେଖାର ଗୁରୁତ୍ୱ ମନେ ପଡ଼ିଯାଏ 'ମୋ ଜୀବନ ପଛେ ନର୍କେ ପଡି ଥାଉ ଜଗତ ଉଦ୍ଧାର ହେଉ' କିନ୍ତୁ ଏଠି ତ ସମସ୍ତେ ଓଲଟା କାର୍ଯ୍ୟରେ ଲିପ୍ତ ଥିବା ପରି ମନେ ହୁଏ । ସମାଜର ଗୁଣି, ଜ୍ଞାନୀ, ବରିଷ୍ଠ ନାଗରିକ ଯୁବପିଢ଼ି ଆଗେଇ ଆସନ୍ତୁ ଓଡ଼ିଶାର ସୁନାମକୁ ବଜାୟ ରଖନ୍ତୁ, ବନ୍ଦେ ଉତ୍କଳ ଜନନୀ, ଜୟ ହିନ୍ଦ୍।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୯ ଅପ୍ରେଲ ୨୦୨୫ ବୁଧବାର

# ଆଭା

## ଅନେକ ରୋଗରୁ ମୁକ୍ତିଦିଏ ହୋମିଓପ୍ୟାଥି




ହୋମିଓପ୍ୟାଥିର ପ୍ରତିଷ୍ଠାତା ଡ.ସାମୁଏଲ ହାନିମାନଙ୍କ ଜନ୍ମ ବାର୍ଷିକୀ ପାଳନ ପାଇଁ ପ୍ରତିବର୍ଷ ୧୦ ଏପ୍ରିଲରେ ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କରାଯାଏ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହୋମିଓପ୍ୟାଥି ଔଷଧ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏହି ବିକଳ୍ପ ବ୍ୟବସ୍ଥାର ବ୍ୟବହାରକୁ ପ୍ରୋତ୍ସାହିତ କରିବା।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି, ହୋମିଓପ୍ୟାଥି ହେଉଛି ଏକ ଚିକିତ୍ସା ବ୍ୟବସ୍ଥା, ଯାହା ଶରୀର ନିଜେ ନିଜକୁ ସୁସ୍ଥ କରିପାରେ। ଆରୋଗ୍ୟ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ପାଇଁ ରୋଗ ଉପରେ ନିର୍ଭର କରି ଔଷଧ ଦିଆଯାଏ, ଯାହା ଦ୍ୱାରା ଶରୀର ଏହି ଦୋଷକୁ ନିଜେ ଭଲ କରିପାରେ।

ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ହୋମିଓପରିବାର: ଏକ ସ୍ୱାସ୍ଥ୍ୟ, ଏକ ପରିବାର। ବିଶେଷଜ୍ଞମାନେ କହିଛନ୍ତି, ହୋମିଓପ୍ୟାଥିକ ଔଷଧ ଏବଂ ଏହାର ସଫଳତା ହାର ବିଷୟରେ ସଚେତନତା ବଢ଼ାଇ ଅନେକ ପ୍ରକାରର ସମସ୍ୟା ଉପଶମ ହୋଇପାରିବ।

ବିଶେଷଜ୍ଞମାନେ କହିଛନ୍ତି, ହୋମିଓପ୍ୟାଥି ପଛରେ ଏକ ମୌଳିକ ଧାରଣା ହେଉଛି ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀକୁ କରାୟତ କରି ରୋଗର ଚିକିତ୍ସା କରିବା। ଉଦାହରଣ ସ୍ୱରୂପ, ପିଆଜ ଆପଣଙ୍କ ଆଖିରେ ପାଣି ଆଣିଥାଏ। ତେଣୁ ଏହା ଆଖି ଆଲର୍ଜି ଚିକିତ୍ସାରେ ବ୍ୟବହୃତ ହୋଇପାରେ। ହୋମିଓପ୍ୟାଥି ବିଶ୍ୱାସ କରେ ଯେ, ଏହାର ମାତ୍ରା କମ୍ ହେଲେ ଔଷଧ ଅଧିକ ଶକ୍ତିଶାଳୀ ହୋଇଥାଏ।

ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦୀର୍ଘବର୍ଷ ଧରି ଏହି ବିକଳ୍ପ ଔଷଧ ମାଧ୍ୟମରେ ଚିକିତ୍ସା କରାଯାଇ ଉପକୃତ ହୋଇଛି। ଯଥା ଆଲର୍ଜି, ମାଇଗ୍ରେନ, ଡିପ୍ରେସନ, କ୍ରନିକ ଫଟିଗ୍ ସିଣ୍ଡ୍ରୋମ, ରିମାଟଏଡ୍ ଆର୍ଥ୍ରାଇଟିସ, ଅନ୍ତଃନଳୀ ରୋଗ ଏବଂ ପ୍ରିମେନ୍ଷ୍ଟ୍ରୁଆଲ ସିଣ୍ଡ୍ରୋମ ଭଳି ସମସ୍ୟାରେ ହୋମିଓପ୍ୟାଥିର ବ୍ୟବହାର ଉପକାରୀ ବୋଲି ବିବେଚନା କରାଯାଏ।

## ସ୍କିନ୍ ଆଲର୍ଜି ପାଇଁ ଟିପ୍ସ



କସ୍‌ମେଟିକ୍ ପ୍ରଭାବରୁ କିମ୍ବା ପ୍ରଦୂଷଣ, ଖରା ଆଦି ବିଭିନ୍ନ କାରଣରୁ ତ୍ୱଚାରେ ଆଲର୍ଜି ହୋଇଥାଏ। ଏ ସବୁରୁ ରକ୍ଷାପାଇବା ପାଇଁ ଘରୋଇ ଉପାୟ ଆପଣାନ୍ତୁ... ଧୂଳିଧୂଆଁ ଆଦି ପ୍ରଦୂଷଣ କାରଣରୁ ଆଲର୍ଜି ହେଲେ ହଠାତ୍ ତ୍ୱଚା କୁଣ୍ଡାଇହେବା କିମ୍ବା ଛିଙ୍କହେବା, ଆଖିରୁ ପାଣି ବହିବା ଭଳି ସମସ୍ୟା ଦେଖାଦିଏ। ଆଲର୍ଜିରୁ ରକ୍ଷା ପାଇବା ପାଇଁ ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ନିଅନ୍ତୁ।

ତ୍ୱଚାରେ ଅନ୍ୟ କୌଣସି ପ୍ରକାର ଆଲର୍ଜି ହେଉଥିଲେ ବରଫ ଘଷିଲେ ଲାଭ ମିଳିଥାଏ। ବରଫ ଖଣ୍ଡକୁ ଏକ କପଡ଼ାରେ ବାନ୍ଧି ଆଲର୍ଜି ହୋଇଥିବା ସ୍ଥାନରେ ଘଷନ୍ତୁ। ଖୁବ୍‌ଶୀଘ୍ର ଆରାମ ଲାଗିବ।

ମୁହଁ ବ୍ୟତୀତ ଶରୀରର ଅନ୍ୟ କୌଣସି ସ୍ଥାନରେ ଆଲର୍ଜି ହେଉଥିଲେ ନଡ଼ିଆ ତେଲକୁ ଉଷୁମକରି ଲଗାନ୍ତୁ। ନଡ଼ିଆତେଲ ଆଣ୍ଟି ବ୍ୟାକ୍ଟେରିଆଲ ହୋଇଥିବାରୁ ଆଲର୍ଜି ଦୂରକରିବା ପାଇଁ ଏହା ବହୁତ ଭଲ।

ସ୍କିନ୍ ଆଲର୍ଜି ଦୂରକରିବା ପାଇଁ ଆଲୋଭେରା ବହୁତ ଭଲ। ଏହା ଖୁବ୍ ଶୀଘ୍ର ତ୍ୱଚାର ବିଭିନ୍ନ ସମସ୍ୟା ଦୂର କରିଥାଏ। ଆଲୋଭେରା ଜେଲ୍‌କୁ ଆଲର୍ଜି ହୋଇଥିବା ସ୍ଥାନରେ ଲଗାଇ ଘଣ୍ଟାଏ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। କିଛି ସମୟ ପରେ ଆଲର୍ଜି କମ୍ ହୋଇଯିବ।

ନିମ୍ବରେ ମଧ୍ୟ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି। ତେଣୁ ନିମ୍ବପତ୍ରର ରସ ବାହାରକରି ଆଲର୍ଜି ହୋଇଥିବା ସ୍ଥାନରେ ଲଗାନ୍ତୁ। ଲଗାତର ଏପରି କଲେ ଆଲର୍ଜିରୁ ମୁକ୍ତି ମିଳିବ।

## ମଶାକାମୁଡ଼ାର ତତ୍କାଳ ଉପଚାର

ଖରାଦିନ ଆସିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମଶାମାନଙ୍କର ଉପଦ୍ରବ ଆମକୁ ଅତିଷ୍ଠ କରିପକାଏ। ଏଣେ ତାପମାତ୍ରା ବଢ଼ିବା ସହ ବାୟୁମଣ୍ଡଳର ଆର୍ଦ୍ରତା ସ୍ତର ମଧ୍ୟ ବଢ଼ିଥାଏ ଯାହା ମଶାମାନଙ୍କ ପ୍ରଜନନ ବୃଦ୍ଧିକୁ ସୁହାଇଥାଏ। ଗରମ ଯୋଗୁଁ ଆମେ ଅଧିକ ସମୟ ଘର ବାହାରେ ବିତାଇବା ପାଇଁ ପସନ୍ଦ କରିଥାଉ। ସୁତରାଂ ମଶାକାମୁଡ଼ାର ଆଶଙ୍କା ବଢ଼ିଯାଇଥାଏ। ତେବେ କିଛି ଘରୋଇ ଉପଚାର ଦ୍ୱାରା କିପରି ତାହାର ସଫଳ ମୁକାବିଲା କରିହେବ, ସେ ବାବଦରେ ଆଲୋଚନା କରିବା।

ଆପଲ୍ ସାଇଡର ଭିନେଗାର ଏକ ଭଲ ପ୍ରଦାହ ବିରୋଧୀ ରୂପେ କାମ କରେ। ତୁଳାକୁ ଏହି ଭିନେଗାରରେ ଭିଜାଇ ମଶା କାମୁଡ଼ିଥିବା ସ୍ଥାନରେ ଲଗାଇଦେଲେ ମଶାକାମୁଡ଼ା ଜନିତ କୁଣ୍ଡାଇ ହେବା ଓ ଚର୍ମଫୁଲାରୁ ଆରାମ ମିଳିଥାଏ।

ମଶା କାମୁଡ଼ା ପାଇଁ ମହୁ ଅନ୍ୟତମ ମହୌଷଧି। ମହୁର ବୀଜାଣୁବିରୋଧୀ ଗୁଣ ମଶାକାମୁଡ଼ା ଜନିତ ସଂକ୍ରମଣ ଆଶଙ୍କାକୁ କମାଇଦେଇଥାଏ। ମଶା କାମୁଡ଼ିଥିବା ଚର୍ମ ଉପରେ ମହୁର ବହଳ ପ୍ରଲେପ କୁଣ୍ଡାଇହେବାରୁ ତୁରନ୍ତ ଉପଶମ ଆଣିଥାଏ।

ମଶା କାମୁଡ଼ାର ପ୍ରଭାବ କମାଇବା ଦିଗରେ ଖାଇବା ସୋଡ଼ା ମଧ୍ୟ ଏକ ଅବ୍ୟର୍ଥ ଘରୋଇ ଉପଚାର। ଅଳ୍ପ ଖାଇବା ସୋଡ଼ାରେ ଚାରି ପାଞ୍ଚ ଠୋପା ପାଣି ମିଶାଇ ଏକ ମଲମ ପ୍ରସ୍ତୁତ କରନ୍ତୁ। ତାହାକୁ ମଶାକାମୁଡ଼ା ସ୍ଥାନରେ ଲଗାଇ ୧୦ରୁ ୧୫ ମିନିଟ୍ ପରେ ତାହାକୁ ଧୋଇଦେଲେ ଆଉ କିଛି ଜଳାପୋଡ଼ା ଦୂର ହୋଇଯାଏ।

ଘିକୁଆଁରୀ ବା ଆଲୋଭେରା ମଧ୍ୟ ଏଥି ପାଇଁ ଏକ ଅମୋଘ ଅସ୍ତ୍ର। ଆଲୋଭେରା ପତ୍ରକୁ ଭାଙ୍ଗି ତାହାର ବହଳ ରସକୁ ମଶାକାମୁଡ଼ା ସ୍ଥାନରେ ଲଗାଇଲେ ତତ୍କାଳ ଆରାମ ମିଳିଥାଏ।

ତୁଳସୀପତ୍ର ରସକୁ ମଶା କାମୁଡ଼ା ସ୍ଥାନରେ ଲଗାଇଲେ ତାହାର ପ୍ରଦାହବିରୋଧୀ ଗୁଣ କୁଣ୍ଡାଇହେବାକୁ କମାଇଦେବା ସହ ଚର୍ମ ଫୁଲିବାକୁ ମଧ୍ୟ ଦେବନାହିଁ। ସେହିପରି ରସୁଣର ଉଭୟ ପ୍ରଦାହ ବିରୋଧୀ ଓ କବକବିରୋଧୀ (ଆଣ୍ଟିଫଙ୍ଗାଲ) ଗୁଣ ରହିଛି। କିଛି ରସୁଣ ପାଖୁଡ଼ାକୁ ବାଟି ମଲମ ସଦୃଶ ମଶାକାମୁଡ଼ା ସ୍ଥାନରେ ମାରିଲେ ତୁରନ୍ତ ଉପଶମ ମିଳିପାରିବ।



## ଦିନକୁ ଦିନ ବୃଦ୍ଧି ପାଉଛି ତାପମାତ୍ରା

ହିଟ୍‌ୱେଭରେ କଣ କରିବେ




ଏପ୍ରିଲେ ଶେଷ ସୁଦ୍ଧା ଆହୁରି ବଢିବ ଦିନ ତାପମାତ୍ରା । ଫଳରେ ଅଂଶୁଘାତ ହେବାର ସମ୍ଭାବନା ବୃଦ୍ଧି ପାଉଛୁ । ତେବେ କିଭଳି ଯତ୍ନ ନେବେ ଜାଣନ୍ତୁ

ହାଇଦ୍ରାବାଦ: ସାରା ଦେଶରେ ଆରମ୍ଭ ହୋଇଛି ଗ୍ରୀଷ୍ମ ପ୍ରବାହ । କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ବେଳେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି । ଆଗକୁ ମଧ୍ୟ ସ୍ଥିତି ସାଙ୍ଘାତିକ ହେବାର ସମ୍ଭାବନା ଅଛି । ତେବେ ଏଭଳି ସ୍ଥିତିରେ ଅନେକ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି । ତେବେ ସାମବାର ଦିନ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଥିଲେ, ଚଳିତ ବର୍ଷ ନିର୍ବାଚନ ହାଓ୍ୱା ସହିତ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ତେଣୁ ଆଗୁଆ ପ୍ରସ୍ତୁତ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି ।

ହିଟ୍‌ୱେଭ କଣ: ଏହା ହେଉଛି ଅସ୍ୱାଭାବିକ ତାପମାତ୍ରା । ଗ୍ରୀଷ୍ମ ଋତୁରେ ହେଉଥିବା ତାପମାତ୍ରା ଠାରୁ ଏହା ସାଧାରଣତଃ ଅଧିକ ହୋଇଥାଏ । ଯଦି କୌଣସି ସ୍ଥାନର ସର୍ବାଧିକ ତାପମାତ୍ରା କ୍ରମାଗତ ଭାବରେ ଦୁଇ ଦିନ ପାଇଁ ୪୫ ଡିଗ୍ରୀରୁ ଅଧିକ ରହିଥାଏ, ତେବେ ଏହାକୁ ହିଟ୍‌ୱେଭ କୁହାଯାଏ । ଆଜିକା ସମୟରେ ଗୋଟିଏ ସ୍ଥାନରେ ତାପମାତ୍ରା ହାରାହାରି ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଏ । ତେବେ ଅଧିକ ଗ୍ରୀଷ୍ମପ୍ରବାହ କାରଣରୁ ଲୋକଙ୍କୁ ଅଂଶୁଘାତ ହେବା ସହିତ ମୃତ୍ୟୁ ହେବାର ମଧ୍ୟ ସମ୍ଭାବନା ରହିଥାଏ ।

ବର୍ତ୍ତିବାର ତରିକା:

ସତର୍କତା: ଘର ବାହାରକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ଜରୁରୀ ଅଟେ । କିଛି ସମୟ ଛାଇରେ ରହିବା ପାଇଁ ଚେଷ୍ଟା କରନ୍ତୁ । ବିଶେଷକରି ୧୨ଟାରୁ ୩ଟା ପର୍ଯ୍ୟନ୍ତ ଘରୁ ବାହାରିବାରୁ ଏଡାନ୍ତୁ ।

କଣ ଖାଇବେ: ହାଲୁକା ଭୋଜନ କରନ୍ତୁ । ପାନୀୟ ଯୁକ୍ତ ଫଳ ଖାଇବାର ଅଭ୍ୟାସ କରନ୍ତୁ । ଷ୍ଟ୍ରବେରି, କମଳା, କାକୁଡି ଏବଂ ଲେମ୍ବୁ ପରି ଅଧିକ ଜଳଯୁକ୍ତ ଖାଦ୍ୟ ଆପଣଙ୍କୁ ହାଇଡ୍ରେଟେଡ୍ ଏବଂ ଥଣ୍ଡା ରହିବାକୁ ସାହାଯ୍ୟ କରିବ । ଅଧିକ ମସଲା ଏବଂ ତେଲିଆ ଖାଦ୍ୟରୁ ଦୂରେଇ ରହିବା ଉଚିତ ।

ପାନୀୟ: ଶୋଷିଲା ନଥିଲେ ମଧ୍ୟ ଯଥା ସମ୍ଭବ ପାଣି ପିଇବା ପାଇଁ ଚେଷ୍ଟା କରନ୍ତୁ। ଡିହାଇଡ୍ରେସନ୍ ରୋକିବା ପାଇଁ ପ୍ରତିଦିନ ପ୍ରଚୁର ପାଣି, ଫଳ ରସ କିମ୍ବା ପନିପରିବା ରସ ପିଅନ୍ତୁ । ଇଲେକ୍ଟ୍ରୋଲାଇଟ୍ ଯୁକ୍ତ ପାନୀୟ ପିଅନ୍ତୁ। ଘରେ ତିଆରି ପାନୀୟ ଯେପରିକି ଲସି, ଚାଉଳ ପାଣି, ଲେମ୍ବୁ ପାଣି, ବଟରମିଲକ ପିଅନ୍ତୁ । ଏହା ଶରୀରକୁ ହାଇଡ୍ରେଟ କରିବାରେ ସାହାଯ୍ୟ କରେ।

ଉପଯୁକ୍ତ ପୋଷାକ ପିନ୍ଧନ୍ତୁ: ହାଲୁକା, ସୂତା ପୋଷାକ ପିନ୍ଧନ୍ତୁ । ସୂର୍ଯ୍ୟକିରଣରେ ବାହାରକୁ ଯିବାବେଳେ କଳା ଚଷମା, ଏକ ଛତା, ଟୋପି, ଜୋତା କିମ୍ବା ଚପଲ୍ ବ୍ୟବହାର କରନ୍ତୁ ।

ବ୍ୟାୟାମ ସମୟରେ ସତର୍କତା: ପରିଶ୍ରମଯୁକ୍ତ ଖାଦ୍ୟରୁ ଦୂରେଇ ରୁହନ୍ତୁ। ମଧ୍ୟାହ୍ନ ୧୨ ଟାରୁ ୩ ଟା ମଧ୍ୟରେ ବାହାରେ କାମ କରିବା ଠାରୁ ଦୂରେଇ ରୁହନ୍ତୁ । ମୁଣ୍ଡ ଏବଂ ବେକରେ ଓଦା କପଡା ବ୍ୟବହାର କରନ୍ତୁ । ଅଧିକ ବ୍ୟାୟାମ କରନ୍ତୁ ନାହିଁ । ବାରମ୍ବାର ଥଣ୍ଡା ପାଣିରେ ସ୍ନାନ କରନ୍ତୁ ନାହିଁ । ଦେହରୁ ଅଧିକ ଝାଳବୋହିଲେ କିମ୍ବା ପାଟି ଅଠା ଅଠା ଲାଗିଲେ ପ୍ରଚୁର ଭାବରେ ସାଧା ପାଣି, ଓ.ଆର.ଏସ୍, ଓ ପଣା ପିଅନ୍ତୁ । ଅଂଶୁଘାତ ରୋଗୀ ଦେହରେ ବରଫ ଘଷନ୍ତୁ ନାହିଁ। କେହି ଅସୁସ୍ଥ ଅନୁଭବ କଲେ ତାଙ୍କର ଚିକିତ୍ସା ପ୍ରତି ଅବହେଳା କରନ୍ତୁ ନାହିଁ। ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ ।



## ମାଙ୍କଡ଼ସା-ସାପ ବିଷରୁ ହେଉଛି ମଦ ତିଆରି

### ଏମିତି ମଦକୁ ସାବଧାନ! ଦୁନିଆର ୫ଟି ଅଜବ ଡ୍ରିଙ୍କ୍ସ

ଆଜି ଆମେ ଆପଣଙ୍କୁ ଦୁନିଆର ୫ଟି ଅଜବ ଡ୍ରିଙ୍କ୍ସ ବିଷୟରେ କହିବାକୁ ଯାଉଛୁ। ଏହି ଡ୍ରିଙ୍କ୍ସଗୁଡିକ ମଧ୍ୟରୁ କେତେକ ଏତେ ଅଦ୍ଭୁତ ଯେ ସେଗୁଡ଼ିକ ବିଷୟରେ ଜାଣିବା ପରେ, ଆପଣ ସେଗୁଡ଼ିକୁ ପିଇବା ତ ଦୂରର କଥା, ଦେଖିବାକୁ ମଧ୍ୟ ପସନ୍ଦ କରିବେ ନାହିଁ। ଅନେକ ଲୋକ ଅଛନ୍ତି ଯେଉଁମାନେ ଚା-କଫି, ଜୁସ୍, କୋଲ୍ଡ୍ରିଙ୍କ୍ସ ଭଳି ମଦକୁ ମଧ୍ୟ ସୌଖିନ୍ ପାନୀୟ ଭାବେ ବ୍ୟବହାର କରନ୍ତି। ଆଜିକାଲି ଏସବୁ ପାନୀୟ ଅତି ସାଧାରଣ ହୋଇଗଲାଣି। କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଏତେ ଅଦ୍ଭୁତ ଯେ ଆପଣ ସେମାନଙ୍କ ବିଷୟରେ ଜାଣି ଆଶ୍ଚର୍ଯ୍ୟ ହୋଇଯିବେ। ଆଜି ଆମେ ଆପଣଙ୍କୁ ଦୁନିଆର ୫ଟି ଅଜବ ଡ୍ରିଙ୍କ୍ସ ବିଷୟରେ କହିବାକୁ ଯାଉଛୁ। ଏହି ଡ୍ରିଙ୍କ୍ସଗୁଡିକ ମଧ୍ୟରୁ କେତେକ ଏତେ ଅଦ୍ଭୁତ ଯେ ସେଗୁଡ଼ିକ ବିଷୟରେ ଜାଣିବା ପରେ, ଆପଣ ସେଗୁଡ଼ିକୁ ପିଇବା ତ ଦୂରର କଥା, ଦେଖିବାକୁ ମଧ୍ୟ ପସନ୍ଦ କରିବେ ନାହିଁ।

ସ୍ନେକ୍ ୱାଇନ୍: ଏହି ତାଲିକାର ପ୍ରଥମ ନାମ ହେଉଛି ସ୍ନେକ୍ ୱାଇନ୍। ଏକ ଆନ୍ତର୍ଜାତୀୟ ୱେବସାଇଟ୍ ଅନୁଯାୟୀ ସ୍ନେକ୍ ୱାଇନ୍ ସାଧାରଣ ମଦ ପରି ଭାତରୁ ତିଆରି ହୋଇଥାଏ, କିନ୍ତୁ ଆପଣ ଏହାର ବୋତଲରେ ଏକ ବିଷାକ୍ତ ସାପ ମଧ୍ୟ ଦେଖିବାକୁ ପାଇବେ। ପ୍ରକୃତ କଥା ହେଉଛି ଏକ ସାପକୁ ଏହି ମଦ ବୋତଲରେ ରଖାଯାଏ ଏବଂ ଏହା ବହୁତ ପୁରୁଣା ହେବା ପରେ ଏହାକୁ ପିଆଯାଏ।

ଖବର ଅନୁଯାୟୀ, ଜାପାନର ଓକିନାୱା ଦ୍ୱୀପ ସହ ଚାଇନାରେ ସ୍ନେକ୍ ୱାଇନ୍ ତିଆରି କରାଯାଇଥାଏ। ମୃତ ସାପକୁ ଏକ ମଦ ବୋତଲରେ ଭର୍ତ୍ତି କରି ଏହାକୁ ମାସ ମାସ ଧରି ରଖାଯାଏ। ଏହିପରି ସାପର ବିଷ ମଦରେ ମିଶିଯାଏ ଏବଂ ଏହା ପାନୀୟ ହୋଇଯାଏ। ଏହି ମଦ ଚୀନ୍, ଭିଏତନାମ ଇତ୍ୟାଦି ସ୍ଥାନରେ ପିଆଯାଏ।

କିଡ୍ସ ବିୟର: ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏମିତି ଏକ ଦେଶ ସେଠାରେ ପିଲାମାନଙ୍କ ପାଇଁ ବିୟର ମଧ୍ୟ ମିଳୁଛି। ଏହାକୁ କିଡ୍ସ ବିୟର୍ କୁହାଯାଏ। ଏହି ବିୟର ଜାପାନରେ ମିଳେ ଯାହାର ସ୍ୱାଦ କୋଲା ପରି, କିନ୍ତୁ ଏଥିରେ ଆଲ୍‌କହଲ୍ ନ ଥାଏ। କିନ୍ତୁ କୌତୁହଳର ବିଷୟ ହେଉଛି ଏହି ବିୟରର ଡିଜାଇନ୍, ଲୁକ୍, ଏଥିରେ ଥିବା ଫୋମ୍, ସବୁକିଛି ପ୍ରକୃତ ବିୟର ପରି ଦେଖାଯାଏ।

ବେଲି ବଟନ୍ ବିୟର: ଆପଣ ନିଶ୍ଚୟ ଦେଖିଥିବେ ଯେ ବେଳେବେଳେ ଆପଣଙ୍କ ନାଭିରେ ମଇଳା ଜମା ହୋଇ ବସିରହିଯାଏ, ଯାହାକୁ ଲୋକମାନେ ଆଙ୍ଗୁଠିରେ ବାହାର କରନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅଷ୍ଟ୍ରେଲିଆରେ ଏକ ବିଶେଷ ପ୍ରକାରର ବିୟର ତିଆରି କରାଯାଇଥାଏ, ଯାହା ନାଭିରୁ ବାହାରୁ ଥିବା ଏହି ମଇଳାକୁ ମିଶ୍ରଣ କରି ତିଆରି ହୋଇଥାଏ। ଅଷ୍ଟ୍ରେଲିଆର '୭ ସେଣ୍ଟ ବ୍ରୁରୀ' ଏହି ବିୟର ତିଆରି କରେ।

ଏରାଗୋଗ: ଏକ ୱେବସାଇଟ୍ ରିପୋର୍ଟ ଅନୁଯାୟୀ ମେକ୍ସିକୋରେ ଏକ ସ୍ୱତନ୍ତ୍ର ପ୍ରକାରର କକ୍‌ଟେଲ୍ ତିଆରି କରାଯାଏ, ଯାହା ଏରାଗୋଗ ନାମରେ ଜଣାଶୁଣା। ଯଦି ଆପଣ 'ହ୍ୟାରି ପୋଟର' ଫିଲ୍ମ ଦେଖିଥିବେ, ତେବେ ଆପଣ ମନେରଖିବେ ଯେ ଦ୍ୱିତୀୟ ଭାଗରେ ଏକ ବଡ ସ୍ପାଇଡର୍ ଦେଖିବାକୁ ମିଳେ, ଯାହା ପ୍ରକୃତରେ ଏକ ମାଙ୍କଡସା। ଏହି କକ୍‌ଟେଲ୍‌ରେ ମାଙ୍କଡସା ବିଷ ମିଶାଇ ମଦ୍ୟ ପ୍ରସ୍ତୁତ କରାଯାଏ। ଏହାକୁ ପିଇବା ଦ୍ୱାରା ଜିଭ ବଧିରା ହୋଇଯାଏ।

ଆଣ୍ଟ ଜିନ୍: ଅଷ୍ଟ୍ରେଲିଆରେ ନିର୍ମିତ ଏହି ମଦ ପିମ୍ପୁଡ଼ିରୁ ତିଆରି ହୋଇଥାଏ। ଲୋକମାନେ ମଦ ତଳେ ରହିଥିବା ପିମ୍ପୁଡ଼ିକୁ ମଧ୍ୟ ଚୋବାଇ ଖାଆନ୍ତି। ପ୍ରାଚୀନ କାଳରେ ଅଷ୍ଟ୍ରେଲିଆର ଲୋକମାନେ ମଧ୍ୟ ଏହାକୁ ଔଷଧ ରୂପେ ବ୍ୟବହାର କରୁଥିଲେ।

## ଓଡ଼ିଆ ଘର ପଣା ସ୍ୱାଦରେ ନୁହେଁ ଊଣା




ଫ୍ରୁଟି, ସ୍ପ୍ରାଇଟ୍, ମାଜା କି ରସ୍‌ନା ନୁହେଁ, ପୂର୍ବରୁ ଖରାଦିନେ ଘରକୁ ଅତିଥି ଆସିଲେ ମା', ଆଇ ବା ଜେଜେମା' ବଢ଼ାଇ ଦେଉଥିଲେ ଖାଣ୍ଟି ଓଡ଼ିଆ 'ସର୍ବତ' ବା 'ପଣା'। କେବେ ଲେମ୍ବୁ ମିଶ୍ରି ପଣା ତ କେବେ ପୁଣି ବେଲପଣା। ପର୍ବପର୍ବାଣି ଦିନରେ ଦହି ଗୁଡ଼ ପଣା ଏବଂ ନଡ଼ିଆ, କଦଳୀ ଆଦି ବିଭିନ୍ନ ଫଳ ସହ ଚିନି ଓ ଗୋଲମରିଚ ଗୁଣ୍ଡ ପଡ଼ି ପ୍ରସ୍ତୁତ ଖାଣ୍ଟି ଘରୋଇ ପଣା ଓଡ଼ିଆଙ୍କ ଖାଦ୍ୟ ପରମ୍ପରାର ନିଆରା ନିଦର୍ଶନ। ଏବେ ସମୟ ବଦଳିଲା ଓ ଅତିଥି ଅଭ୍ୟର୍ଥନା ପାଇଁ ଉଭା ହେଲା ଶସ୍ତା, ସୁନ୍ଦର ଓ ସୁସ୍ୱାଦୁ ମୃଦୁପାନୀୟ। ଏହା ଆମ ସମୟ ବଞ୍ଚାଇଲା ସତ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଲା। ଏବେ ସ୍ୱାସ୍ଥ୍ୟ ସଚେତନ ଯୁଗରେ ଲୋକେ ପୁରୁଣା କଥାକୁ ଫେରୁଥିବା ବେଳେ ସବୁଆଡ଼େ ପାରମ୍ପରିକ ପାନୀୟର ଚାହିଦା ବଢ଼ିଛି। ଆଗକୁ ପଣାସଂକ୍ରାନ୍ତି ଆସୁଥିବାରୁ 'ପଣା'କୁ ନେଇ ଉପସ୍ଥାପନା।

'ପ୍ରପାନକ'ରୁ 'ପଣା'

ଶ୍ରୀମନ୍ଦିରର ଛପନ ଭୋଗ ମଧ୍ୟରେ 'ପଣା' ଭୋଗ ଅନ୍ୟତମ। ପଣା ଭୋଗ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମେତ ବିଶେଷ ପର୍ବମାନଙ୍କରେ ମଧ୍ୟ ଲାଗି ହୋଇଥାଏ। ପଣାର ସଂସ୍କୃତ ନାମ ହେଉଛି 'ପ୍ରପାନକ' ଅର୍ଥାତ 'ଗୁଡ଼ ବା ନବାତ ମିଶ୍ରିତ ପାନୀୟ'। ଏହି ନାମ ଅପଭ୍ରଂଶ ହୋଇ ପରେ ଓଡ଼ିଆମାନଙ୍କ ପାଖରେ 'ପଣା' ନାମରେ ପରିଚିତ ହୋଇଛି। ମାଦଳାପାଞ୍ଜିରେ ବର୍ଣ୍ଣିତ ତଥ୍ୟ ଅନୁସାରେ ଅତୀତରେ ଶ୍ରୀମନ୍ଦିରରେ ପଣା ପ୍ରସ୍ତୁତ କରୁଥିବା ସେବକଙ୍କୁ 'ପଣା ସୁଆର ସେବକ' ନାମରେ ଅଭିହିତ କରାଯାଉଥିଲା।

ଭୌମକର ରାଜବଂଶଠାରୁ ପଣା ପ୍ରଚଳନ!

ଜଗନ୍ନାଥ ସଂସ୍କୃତି ଗବେଷକ କୃଷ୍ଣକେଶବ ଷଡ଼ଙ୍ଗୀ କହନ୍ତି, ଶ୍ରୀମନ୍ଦିରରେ ପଣା କେବେଠାରୁ ପ୍ରଚଳିତ ହେଲା, ସେ ନେଇ କୌଣସି ଲିଖିତ ଇତିହାସ ନାହିଁ। ଚୈତ୍ର ସଂକ୍ରାନ୍ତିରୁ ବୈଶାଖ ସଂକ୍ରାନ୍ତିଯାଏ ଏକ ମାସ ସମଗ୍ର ଦେଶରେ ବିଭିନ୍ନ ପର୍ବପର୍ବାଣି ପାଳନ ସହ ପଣାପାନ ପରମ୍ପରା ରହିଛି। ଗ୍ରୀଷ୍ମ ଉତ୍ତାପ ବଢୁଥିବାରୁ ଜଳଶୁଷ୍କତାରୁ ରକ୍ଷା ପାଇବା ପାଇଁ 'ପଣାପାନ' ହେଉଛି ଏକ ବୈଜ୍ଞାନିକ ଚିନ୍ତନ, ଯାହାକୁ ସାଂସ୍କୃତିକ ଜୀବନ ଭିତରେ ମିଶାଇ ଦିଆଯାଇଛି। ବିଶ୍ୱାସ କରାଯାଏ, ୮ମ ଓ ୯ମ ଶତାବ୍ଦୀ ଆଡ଼କୁ ବୌଦ୍ଧ ଧର୍ମର ବିଲୁପ୍ତି ସହ 'ଦେବୀ ଉପାସନା' ଜନଜୀବନକୁ ପ୍ରବେଶ କରିଥିଲା। ସେ ସମୟରେ ପ୍ରଥମେ 'ପଣା' ପ୍ରଚଳନ ହୋଇଥିଲା। ସେତେବେଳେ ରାଜାରାଜୁଡ଼ାମାନେ ଇଷ୍ଟଦେବୀମାନଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରୁଥିଲେ। ଓଡ଼ିଶାରେ 'ଭୌମକର ରାଜବଂଶ'ଠାରୁ ପଣା ସଂସ୍କୃତି ଆରମ୍ଭ ହୋଇଥିବା ବିଶ୍ୱାସ ରହିଛି।

ପଣାରେ ଛତୁଆ ଓ ବେଲ କାହିଁକି?

ପଣାସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନୂଆବର୍ଷ ଭାବରେ ପାଳନ କରାଯାଏ। ଏହା ପହିଲା ବୈଶାଖ ଅର୍ଥାତ୍ ବୈଶାଖର ପ୍ରଥମ ଦିନରେ ପଡ଼େ। ଇଂରାଜୀ ମାସାନୁସାରେ ସାଧାରଣତଃ ଏପ୍ରିଲ ୧୩/୧୪ରେ ପଣା ସଂକ୍ରାନ୍ତି ପଡ଼ିଥାଏ। ଏହି ଦିନ ବସନ୍ତଋତୁ ଶେଷ ଓ ଗ୍ରୀଷ୍ମଋତୁ ଆରମ୍ଭ ହୋଇଥାଏ। ଫଳରେ ସୂର୍ଯ୍ୟ ତାପ ବୃଦ୍ଧି ପାଏ। ଦେହର ଅତ୍ୟଧିକ ତାପକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟ ପରମ୍ପରାରେ ପଣାକୁ ଯୋଡ଼ି ଦିଆଯାଇଛି। ପେଟ ଥଣ୍ଡା ରଖିବା ଲାଗି ଏହି ସମୟରେ ପାଚୁଥିବା ବେଲ ପଣା କରି ପିଆଯାଏ। ବେଲ ପେଟ ଥଣ୍ଡା ରଖିବା ସହ ହଜମ ଶକ୍ତି ବି ବଢ଼ାଇଥାଏ। ସେହିଭଳି ଗ୍ରୀଷ୍ମ ପ୍ରବାହ ବଢ଼ିବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଗରିଷ୍ଠ ଖାଦ୍ୟ ହଜମ ହେଉଥିବାରୁ ବୁଟ ଛତୁଆ କରି ଖାଇବାର ବି ଏ ଦିନ ନିୟମ ରହିଛି। ସେଥିଲାଗି ପଣାରେ ଛତୁଆ ମଧ୍ୟ ମିଶାଯାଏ। ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିରରେ ଛତୁଆ ଓ ପଣା ଭୋଗର ବିଧି ରହିଛି।

ଓଡ଼ିଶାରେ ପ୍ରଚଳିତ ପଣା

ଲେମ୍ବୁ ମିଶ୍ରି ପଣା: ମାଟି ପାତ୍ରର ଶୀତଳ ଜଳରେ ମିଶ୍ରି ମିଶାଇ, ସେଥିରେ ସାମାନ୍ୟ ଲେମ୍ବୁରସ ମିଶାଇ ଏହାକୁ ପ୍ରସ୍ତୁତ କରିପାରିବେ।

ବେଲପଣା: ଏହାକୁ ପ୍ରସ୍ତୁତ କରିବା ଲାଗି ପାଚିଲା ବେଲର ଶସ ବାହାର କରି ଭଲଭାବେ ଚକଟାଯାଏ। ପରେ ତାକୁ ଛାଣି ସେଥିରେ ଚିନି, ଦହି, ନଡ଼ିଆ ଓ ଗୋଲମରିଚ ଗୁଣ୍ଡ ପକାଯାଏ। ବେଲରେ ଥିବା ଆଣ୍ଟି ଇନ୍‌ଫ୍ଲାମେଣ୍ଟାରି ଓ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଡାଇରିଆ ଓ ପରିସ୍ରାପୋଡ଼ା ଆଦି ସମସ୍ୟାରୁ ମୁକ୍ତିଦିଏ।

ଦହିପଣା: ଦହିରେ ଗୁଡ଼, ନଡ଼ିଆ କୋରା, କଦଳୀ ଚକଟି, ସେଥିରେ ଗୋଲମରିଚ ଗୁଣ୍ଡ ପକାଇ ଏହି ପଣା ପ୍ରସ୍ତୁତ କରାଯାଇଥାଏ।

ଗୁଡ଼ପଣା: ଶୀତଳ ଜଳରେ ଗୁଡ଼ ସହ ଆମ୍ବଖଣ୍ଡ, ଛେଚାଅଦା ଓ ଗୋଲମରିଚ ଗୁଣ୍ଡ ପକାଇ ଗୁଡ଼ପଣା ପ୍ରସ୍ତୁତ କରାଯାଏ। ଏହାକୁ ପିଇଲେ ଶରୀରରେ ଶୀତଳତା ଆସେ, ଶୁଷ୍କତା ଓ ଦୁର୍ବଳତା ଦୂର ହୁଏ। ଏହା ଅଂଶୁଘାତରୁ ରକ୍ଷା ଦେବା ସହ ସୁଖନିଦ୍ରା କରାଇଥାଏ।

ଗୁଲକନ୍ଦ ପଣା: ଗୋଲାପ ଫୁଲକୁ ବାଟି ମିଶ୍ରି ସହ ଅନ୍ୟାନ୍ୟ ସୁବାସିତ ଦ୍ରବ୍ୟ ଓ ଗୁଲକନ୍ଦ ମିଶାଇ ଏହି ପଣା ପ୍ରସ୍ତୁତ ହୁଏ। ଏହା ସୁସ୍ୱାଦୁ ଓ ସ୍ୱାସ୍ଥ୍ୟପ୍ରଦ। ଏହା ଶରୀରରେ ଶୀତଳତା ଆଣିବା ସହ ଶରୀରର ଦୁର୍ଗନ୍ଧ ନିୟନ୍ତ୍ରଣ କରିଥାଏ।

ଛେନାପଣା: ଏହି ପଣା ମହାପ୍ରଭୁ ଜଗନ୍ନାଥଙ୍କର ବେଶ୍ ପ୍ରିୟ। ଖାସ୍‌କରି ପଣାସଂକ୍ରାନ୍ତିରେ ଛେନାପଣା ପ୍ରସ୍ତୁତ ହୁଏ ଓ ମହାପ୍ରଭୁଙ୍କୁ ଲାଗି କରାଯାଏ। ଛେନାକୁ କଦଳୀ, କ୍ଷୀର ଓ ନଡ଼ିଆ କୋରା ସହ ଭଲରେ ଚକଟା ଯାଏ। ସେଥିରେ ସ୍ୱାଦ ଅନୁସାରେ ଅଳେଇଚ ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଛେଚାଅଦା ଆଦି ପକାଯାଏ। ଏହି ପଣା ତୃଷ୍ଣା ନିବାରକ, ବଳକାରକ ଓ ସୁନିଦ୍ରା ମଧ୍ୟ ପ୍ରଦାନ କରିଥାଏ।

ଝରପଣା: ପଶ୍ଚିମ ଓଡ଼ିଶାରେ ଏହି ପଣା ଲୋକପ୍ରିୟ। 'ଝରପଣା' ଔଷଧୀୟ ତତ୍ତ୍ୱରେ ଭରପୂର। ସାଧାରଣତଃ ପାଲୁଅରେ ମିଶ୍ରି ଓ ପାନମହୁରି ପକାଇ ଏହା ପ୍ରସ୍ତୁତ ହୁଏ। ଏକ ପାତ୍ରରେ ପାଣି ରଖି ପାଲୁଅକୁ ୨୦ ମିନିଟ୍ ବୁଡ଼ାଇ ରଖିବାକୁ ହୁଏ। ଏହାପରେ ପାଣି ନିଗାଡ଼ି ଅଧଗ୍ଲାସ୍ ପାଣିରେ ସେହି ପାଲୁଅକୁ ଧିମା ଆଞ୍ଚରେ ସିଝାଯାଏ। ଏହା ସିଝିବା ପରେ ବହଳିଆ ମଣ୍ଡରେ ପରିଣତ ହୋଇଯାଏ। ସେହି ମଣ୍ଡ ସହ ଦହି, ଚିନି, ଲୁଣ, ଗୋଲମରିଚ ଗୁଜୁରାତି ଆଦି ଗୁଣ୍ଡ ପକାଇ ପଣା ପ୍ରସ୍ତୁତ କରାଯାଏ। ଏହାକୁ ଥଣ୍ଡା ଥଣ୍ଡା ପିଆଯାଏ।

ଆମ୍ବପଣା: ଆମ୍ବକୁ ସିଝାଇ ତା'ର ରସ ବାହାର କରି ପାଣିରେ ମିଶାଯାଏ। ସେଥିରେ ଚିନି ଅବା ମିଶ୍ରି ମିଶାଇ ଏହା ପ୍ରସ୍ତୁତ କରାଯାଏ। ସେହିପରି କଞ୍ଚା ଆମ୍ବରୁ ମଧ୍ୟ ସ୍ୱାଦିଷ୍ଟ ସର୍ବତ ପ୍ରସ୍ତୁତ ହୁଏ।

## ଶ୍ୱାସରୋଗ ଔଷଧ ବିକ୍ରିରେ ବୃଦ୍ଧି ଘଟିଛି

ଦେଶରେ ଔଷଧ ବିକ୍ରିର ପରିମାଣ ମହାମାରୀ ପୂର୍ବସ୍ତରକୁ ଖସି ଆସିଛି। ଏହି ସମୟରେ ଔଷଧ ଦରରେ ବୃଦ୍ଧି ଦେଖିବାକୁ ମିଳିଛି । ଯାହାଫଳରେ ଗତ ଏପ୍ରିଲ ମାସରେ ଭାରତୀୟ ଫାର୍ମା ବଜାର(ଆଇପିଏମ୍)ରେ ଔଷଧର ବିକ୍ରି ୨୦୧୯ ଏପ୍ରିଲ ତୁଳନାରେ ମାତ୍ର ୦.୨୧ ପ୍ରତିଶତ ବୃଦ୍ଧି ପାଇଛି। ହୃଦ୍‌ରୋଗ, ମଧୁମେହ, ଭିଟାମିନ ଆଦି ଔଷଧ ବିକ୍ରିରେ ହ୍ରାସ ହୋଇଥିବା ବେଳେ ଶ୍ୱାସଜନିତ ରୋଗ, ଆଣ୍ଟି-ଇନ୍‌ଫେକଟିଭ ଏବଂ ପେନ ଏବଂ ଆନାଲଜେସିକ୍ସ ବିକ୍ରିରେ ବୃଦ୍ଧି ନଜରକୁ ଆସିଛି । ଫାର୍ମାରାକ ଆୱାକ୍ସ ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଆଇପିଏମ୍‌ର ବାର୍ଷିକ ଅଭିବୃଦ୍ଧି ୨୦୧୯ ଏପ୍ରିଲ ତୁଳନାରେ ୨୦୨୩ ମସିହାରେ ୬ ପ୍ରତିଶତ ରହିଛି। ହେଲେ ୨୦୨୨ ତୁଳନାରେ ମାତ୍ର ୧.୯ ପ୍ରତିଶତ ବୃଦ୍ଧି ହୋଇଛି । ଭିଟାମିନ ଔଷଧର ବିକ୍ରି ବିଯୁକ୍ତ ୨.୨ ପ୍ରତିଶତ ରହିଛି। ହୃଦ୍‌ରୋଗ, ମଧୁମେହ ଔଷଧର ଅଭିବୃଦ୍ଧି ଏକ ଅଙ୍କରେ ସୀମିତ ରହିଛି। ଡାକ୍ତର-ବିଶେଷଜ୍ଞଙ୍କ ମତରେ କୋଭିଡ୍ ପରେ ଲୋକମାନଙ୍କଠାରେ ଶ୍ୱାସରୋଗ ବୃଦ୍ଧି ପାଇଛି । ତେଣୁ ଅନ୍ୟ ଔଷଧର ବିକ୍ରି ହ୍ରାସ ପାଉଥିବା ବେଳେ ଶ୍ୱାସରୋଗ ଔଷଧର ବିକ୍ରି ବଢ଼ିଛି।

ଫାର୍ମାରାକ ଆୱାକ୍ସର ଉପ-ସଭାପତି ସୀତଲ ସାପଲେଙ୍କ ମତରେ, ଏପ୍ରିଲ ମାସରେ ଅଧିକାଂଶ ଔଷଧର ବିକ୍ରି ହ୍ରାସ ପାଇଛି। ୨୦୧୯ ମସିହାରେ ଆଇପିଏମ୍‌ର ବଜାର ୧୩୨,୮୧୦ କୋଟି ଟଙ୍କା ଥିବା ବେଳେ ୨୦୨୩ରେ ଏହା ୧୮୪,୮୫୯ କୋଟିକୁ ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ଏଥିରେ ୯.୭ ପ୍ରତିଶତ ବୃଦ୍ଧି ହୋଇଛି। ହୃଦ୍‌ରୋଗ ଜନିତ ଔଷଧର ବିକ୍ରି ୨୦୧୯ ମସିହାରେ ୧୬,୫୨୭ କୋଟି ଥିବା ବେଳେ ୨୦୨୩ ଏପ୍ରିଲରେ ଏହା ୨୩,୯୯୯ କୋଟିରେ ପହଞ୍ଚିଛି। ବିକ୍ରି ପରିମାଣ ନୁହେଁ, ଔଷଧ କମ୍ପାନିମାନେ ଔଷଧର ଦର ବୃଦ୍ଧି କରିବା ଫଳରେ ଏହି ବୃଦ୍ଧି ଦେଖିବାକୁ ମିଳିଛି। ଯଦି ବାର୍ଷିକ ବିକ୍ରିକୁ ହିସାବକୁ ନିଆଯାଏ ତା'ହାଲେ ଏହି ସମୟରେ ଔଷଧ ବିକ୍ରି ପରିମାଣ ୧.୯ ପ୍ରତିଶତରେ ଏକପ୍ରକାର ସ୍ଥିର ଥିବା ବେଳେ ଔଷଧର ଦର ବୃଦ୍ଧି ୫.୯ ପ୍ରତିଶତ ରହିଛି।

ସେହିପରି ଏକ ଔଷଧ କମ୍ପାନିର ବରିଷ୍ଠ ଅଧିକାରୀ କହିଛନ୍ତି, ଔଷଧର ବିକ୍ରି ଅଭିବୃଦ୍ଧି ଏକପ୍ରକାର ସ୍ଥାଣୁ ପାଲଟିଛି । ମଧୁମେହ ରୋଗ କ୍ଷେତ୍ରରେ ଉତ୍ପାଦର ବୃଦ୍ଧି ହାର ବାର୍ଷିକ ୫.୪ ପ୍ରତିଶତ ଦେଖିବାକୁ ମିଳିଥିବା ବେଳେ ବିକ୍ରି ପରିମାଣ ୧.୧ ପ୍ରତିଶତ ହ୍ରାସ ପାଇଛି। ଲୋକମାନେ କମ୍ ଦାମ୍ ଥିବା ଔଷଧ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହାସତ୍ତ୍ୱେ ବି ଔଷଧ ବିକ୍ରିରେ ବୃଦ୍ଧି ହେଉନାହିଁ। ଯାହାକି ଚିନ୍ତାର ବିଷୟ ବୋଲି ଅଧିକାରୀ ଜଣକ କହିଛନ୍ତି। ଅପରପକ୍ଷରେ କରୋନା ମହାମାରୀ ସମୟରେ ଭିଟାମିନ ଔଷଧର ବିକ୍ରି ଯଥେଷ୍ଟ ବୃଦ୍ଧି ପାଇଥିଲା। ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଲାଗି ଅଧିକ ମାତ୍ରରେ ଭିଟାମିନ ଔଷଧ ଖାଇବାକୁ ପସନ୍ଦ କରିଥିଲେ। ତେବେ ଟିକାକରଣ ଓ ମହାମାରୀ ହ୍ରାସ ପାଇବାରେ ଭିଟାମିନ ଔଷଧ ବିକ୍ରି ଯଥେଷ୍ଟ ହ୍ରାସ ପାଇଛି। ଫାର୍ମାରାକ ଆୱାକ୍ସର ତଥ୍ୟ ଅନୁସାରେ ଭିଟାମିନ ଔଷଧର ବିକ୍ରି କେବଳ ଏପ୍ରିଲ ମାସରେ ୧୨.୪ ପ୍ରତିଶତ ହ୍ରାସ ପାଇଛି। ବାର୍ଷିକ ସ୍ତରରେ ଏଥିରେ ୦.୮ ପ୍ରତିଶତ ହ୍ରାସ ପାଇଥିବା ଜଣାପଡ଼ିଛି।

# ଆରସିବି ଅଧିନାୟକଙ୍କ ଉପରେ ଜରିମାନା ଲଗାଇଲା ବିସିସିଆଇ



**ନୂଆଦିଲ୍ଲୀ**

ସୋମବାର ମୁହାଁମୁହିଁ ହୋଇଥିଲେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର -ମୁମ୍ବାଇ ଇଣ୍ଡିଆନ୍ସ। ମ୍ୟାଚ୍‌କୁ ୧୨ ରନ୍‌ରେ ହାରିଛି ମୁମ୍ବାଇ ଇଣ୍ଡିଆନ୍ସ। ୬୪ ରନର ବିସ୍ଫୋରକ ଇନିଂସ ଖେଳିଥିଲେ ଆରସିବି ଅଧିନାୟକ ରଜତ ପଟିଦାର। ଶେଷରେ ହୋଇଥିଲେ ମ୍ୟାନ ଅଫ୍ ଦି ମ୍ୟାଚ୍। ତାଙ୍କ ସହିତ ବିରାଟ କୋହଲି ମଧ୍ୟ ୬୭ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହି ଦମ୍‌ଦାର ବିଜୟ ପରେ ମଧ୍ୟ ଅଧିନାୟକ ପାଟିଦାର ଏକ ବଡ଼ କ୍ଷତି ସହିଛନ୍ତି। ବିସିସିଆଇ ତାଙ୍କ ଉପରେ ଲଗାଇଛି ୧୨ ଲକ୍ଷ ଟଙ୍କା ଜରିମାନା।

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସ୍ଲୋ ଓଭର-ରେଟ୍ ବଜାୟ ରଖିବାରୁ ଆରସିବି ଅଧିନାୟକ ରଜତ ପଟିଦାରଙ୍କ ଉପରେ ଲାଗିଛି ଜରିମାନା। ଆଇପିଏଲ ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ, ଚଳିତ ସିଜିନରେ ଏହା ତାଙ୍କ ଦଳର ପ୍ରଥମ ଅପରାଧ ଥିଲା। ଏଥିପାଇଁ ପାଟିଦାରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

ଫିଲ୍ ସଲ୍ଟଙ୍କ ରୂପରେ ପ୍ରଥମ ୱିକେଟ୍ ପତନ ପରେ ବିରାଟ କୋହଲି ଦେବଦତ୍ତ ପାଡ଼ିକ୍କଲଙ୍କ ସହିତ ୯୧ ରନର ଭାଗୀଦାରି କରିଥିଲେ। ତା'ପରେ ରଜତ ପଟିଦାରଙ୍କ ସହିତ ୪୮ ରନ ଯୋଡିଥିଲେ। କୋହଲି ୪୨ ବଲ୍‌ରେ ୬୭ ରନ୍ କରିବା ପରେ ହୋଇଥିଲେ ଆଉଟ୍। ଅଧିନାୟକ ପାଟିଦାର କରିଥିଲେ ବିସ୍ଫୋରକ ବ୍ୟାଟିଂ। ସେ ୩୨ ବଲ୍‌ରେ ୪ଟି ଛକା ଏବଂ ୫ଟି ଚୌକା ସହାୟତାରେ କରିଥିଲେ ୬୪ ରନ୍। ଏହି ଇନିଂସ ପାଇଁ ସେ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଥିଲେ। ଆରସିବି ମୁମ୍ବାଇ ଇଣ୍ଡିଆନ୍ସକୁ ଜିତିବା ପାଇଁ ୨୨୨ ରନର ଟାର୍ଗେଟ ଦେଇଥିଲା।

ଟାର୍ଗେଟର ପିଛା କରିବା ସମୟରେ ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଭଲ ନଥିଲା। କିନ୍ତୁ ତିଲକ ବର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଇନିଂସ ଦଳକୁ ବିଜୟର ନିକଟତର କରିଥିଲା। ମୁମ୍ବାଇକୁ ୧୨ ବଲ୍‌ରେ ଜିତିବା ପାଇଁ ୨୮ ରନ୍ ଆବଶ୍ୟକ ଥିଲା। ଜୋଶ୍ ହାଜେଲଉଡ୍ ୧୯ତମ ଓଭରର ପ୍ରଥମ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୱିକେଟ୍ ନେଇ ମ୍ୟାଚ୍ ନିଜ ଟିମ୍‌କୁ କରିଥିଲେ ମଜବୁତ। ଏହାପରେ ଶେଷ ଓଭରରେ କୃଣାଲ ପାଣ୍ଡ୍ୟା ୧୯ ରନ ଡିଫେଣ୍ଡ କରିଥିଲେ ଏବଂ ୩ ୱିକେଟ୍ ନେଇଥିଲେ।

# ମାତ୍ର ୪ ରନରେ ଲକ୍ଷ୍ନୌ ଠାରୁ ହାରିଲା କୋଲକାତା



**କୋଲକାତା**

ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ହାଇ ସ୍କୋରିଂ ମୁକାବିଲାରେ ଲକ୍ଷ୍ନୌ ସୁପର ଜାଏଣ୍ଟସ କୋଲକାତା ନାଇଟ୍ ରାଇଡର୍ସକୁ ୪ ରନରେ ହରାଇଛି। ଆଉ କୋଲକାତା ନାଇଟ୍ ରାଇଡର୍ସ ନିଜ ଘରେ ପରାଜୟର ମୁହଁ ଦେଖିଛି। ପଞ୍ଚମ ମ୍ୟାଚ୍‌ରୁ କେକେଆରର ଏହା ତୃତୀୟ ପରାଜୟ। ଲକ୍ଷ୍ନୌ ଦ୍ୱାରା ଧାର୍ଯ୍ୟ ୨୩୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି କୋଲକାତା ୨୩୪ ରନରେ ପହଞ୍ଚିଥିଲେ ହେଁ, ଶେଷରେ ୪ ରନ ଦୂରରେ ରହି ଯାଇଥିଲା। ବିଜୟ ସହ ଲକ୍ଷ୍ନୌ ୬ ପଏଣ୍ଟ ପାଇ ତାଲିକାରେ ଚତୁର୍ଥ ଉଠିଛି। ପରାଜୟ ସହ କୋଲକାତା ଷଷ୍ଠ ସ୍ଥାନକୁ ଖସି ଆସିଛି।

୨୩୯ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ ପଡ଼ିଆକୁ ଓହ୍ଲାଇଥିବା କେକେଆରକୁ ୩୭ ରନ ସ୍କୋରରେ ପ୍ରଥମ ଝଟ୍‌କା ଲାଗିଥିଲା। କ୍ୱିଣ୍ଟନ ଡି କକ୍ ୧୫ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ସୁନିଲ ନାରାୟଣ ଓ ଅଧିନାୟକ ଆଜିଙ୍କ୍ୟ ରାହାଣେ ବିସ୍ଫୋରକ ବ୍ୟାଟିଂ କରି ଦଳର ସ୍ଥିତି ମଜବୁତ କରିବା ସହ ବିଜୟ ଆଶା ଉଜ୍ଜିବୀତ ରଖିଥିଲେ। ଦୁଇ ବ୍ୟାଟର ଦ୍ୱିତୀୟ ୱିକେଟ୍‌ରେ ୫୪ ରନ ଯୋଡ଼ି ଦଳର ସ୍କୋରକୁ ୯୧ ରନରେ ପହଞ୍ଚାଇଥିଲେ। ନାରାୟଣ ୧୩ ବଲରୁ ୩୦ ରନ କରି ପାଭିଲିୟନ ଫେରିଥିଲେ।

ଏହା ପରେ ରାହାଣେ ଓ ଭେଙ୍କଟେଶ ଆୟର ଚମତ୍କାର ବ୍ୟାଟିଂ କରି ଆବଶ୍ୟକ ରନ ରେଟ୍ ହିସାବରେ ରନ ଯୋଡ଼ିଥିଲେ। ତୃତୀୟ ୱିକେଟ୍‌ରେ ୭୧ ରନ ଯୋଡ଼ି ଦଳର ସ୍କୋରକୁ ୧୩ ଓଭରରେ ୧୬୨ ରନରେ ପହଞ୍ଚାଇଥିଲେ। ରାହାଣେ ୩୫ ବଲରୁ ୮ ଚୌକା ଓ ୨ ଛକା ସହ ୬୧ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ଏହା ପରେ ଦଳ ନିୟମିତ ୱିକେଟ୍ ହରାଇବାରୁ ଦଳ ଉପରେ ଚାପ ବଢିବାରେ ଲାଗିଥିଲା। ରମଣଦୀପ(୧), ଅଙ୍ଗକ୍ରିଷ ରଘୁବଂଶୀ(୫) ଓ ଆନ୍ଦ୍ରେ ରସେଲ(୭) ଶସ୍ତାରେ ଆଉଟ୍ ହେବାରୁ ଦଳ ବିଜୟଠୁ ଦୂରେଇବାର ଲାଗିଥିଲା। ଶେଷ ଆଡ଼କୁ ରିଙ୍କୁ ସିଂ ୧୫ ବଲରୁ ୩୮ ରନ କରିଥିଲେ ହେଁ ଦଳକୁ ପରାଜୟରୁ ବଞ୍ଚାଇ ପାରି ନ ଥିଲେ। କୋଲକାତା ୭ ୱିକେଟ୍ ହରାଇ ୨୩୪ ରନରେ ସୀମିତ ରହିଥିଲା।

# ୧ମ ବାର୍ଷିକ ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ୧ମ ବାର୍ଷିକ ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌କୁ ତାଙ୍କର ଜ୍ୟେଷ୍ଠ ପୁତ୍ର ମନୋଜ କୁମାର ମିସ୍ତ୍ରୀ, ପରିବାରବର୍ଗ ତଥା ଶିକ୍ଷାବିତ୍ ବିପ୍ଳବ ଭୁଗୁଡେଇ ଓ ସମାଜସେବୀ ପିଣ୍ଟୁ ମାଇତି ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ମହାରାଜା ପ୍ରବୀନ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଉପ ନଗରପାଳ ସୀମା ଦାସ, ରାଜ୍ୟ ପ୍ରକ୍ତା କବି ବିଷ୍ଣୁ ଶତପଥି, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ସ୍ଥାନୀୟ କାଉନସିଲର ପ୍ରଶାନ୍ତ ବେହେରା ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭ୍ୟର୍ଥନା କମିଟି ଅଧକ୍ଷ ଜୀବନ ସାହୁ, ଟୁର୍ଣ୍ଣାମେଣ୍ଟ କମିଟି ଅଧକ୍ଷ ଅସିତ ଚରଣ ପତି, ଉପ ସଭାପତି ପ୍ରଦୀପ କିଶୋର ମହାନ୍ତି, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠି, ସମ୍ପାଦକ ଅଶୋକ ମିସ୍ତ୍ରୀ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ଶିରିଶବଣୀ ଷ୍ଟେସନ ବଜାରକୁ ଟାଇ ବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ଡାକଇ ଫୁଟବଲ କ୍ଲବକୁ ୨-୦ ଗୋଲରେ ଏବଂ ତୃତୀୟ



ମ୍ୟାଚ୍‌ରେ ମା' ତାରିଣୀ ଫ୍ରେଣ୍ଡସ କ୍ଲବକୁ ୨-୦ ଗୋଲରେ ପରାସ୍ତ କରିଥିଲା। ସାମାୟ ଟୁଡୁ, ସମ୍ରାଟ ହେମ୍ବ୍ରମ, ଗୋବିନ୍ଦ ହାଁସଦା, ସୁନାରାମ ଟୁଡୁ ଓ ରତ୍ନାକର ସୋରେନ ଖେଳ ପରିଚାଳନା କରିଥିବା ବେଳେ ମନୋଜ ପାତ୍ର ଓ ସୁଭଦ୍ରା ହେମ୍ବ୍ରମ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୯ ତାରିଖ ଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ଓ କୈଳାଶ ବେହେରା, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ କୁମାର ରଞ୍ଜନ ପଣ୍ଡା, ମନୋଜ ମିସ୍ତ୍ରୀ, ବିନୋଦ ରାମ, ବିନୋଦ ସିଂବାବୁ ସନ୍ତୋଷ ବରାଜ, ଜୟନ୍ତ ନାୟକ, କପିଳ ଖଣ୍ଡେଲୱାଲ, ମହାଦେବ ପାତ୍ର ତଥା ମଧୁବନ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

# ବିଜେପିରେ ଯୋଗ ଦେଲେ କେଦାର ଯାଦବ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଖେଳାଳି କେଦାର ଯାଦବ ମଙ୍ଗଳବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ସାମିଲ ହୋଇଛନ୍ତି। ସେ ମୁମ୍ବାଇରେ ମହାରାଷ୍ଟ୍ରର ମନ୍ତ୍ରୀ ଏବଂ ରାଜ୍ୟ ଭାଜପା ମୁଖ୍ୟ ଚନ୍ଦ୍ରଶେଖର ବାୱାଙ୍କୁଲେ, ଅଶୋକ ଚୌହ୍ୱାନ ଏବଂ ଅନ୍ୟାନ୍ୟ ନେତାଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଛନ୍ତି।

ବିଜେପିରେ ଯୋଗଦେବା ପୂର୍ବରୁ କେଦାର ଯାଦବ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ଏବଂ ରବିନ୍ଦ୍ର ଚୌହ୍ୱାନଙ୍କୁ ଭେଟିଥିଲେ। ଏହା ପରେ ସେ ମୁମ୍ବାଇ କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି ଏବଂ ବିଜେପି ନେତା ଆଶିଷ ଶେଲାରଙ୍କୁ ଭେଟିଥିବା ଜଣାପଡ଼ିଛି। ବିଜେପିରେ ଯୋଗ ଦେବା ପରେ କେଦାର ଯାଦବ ପ୍ରଧାନମନ୍ତ୍ରୀ ମୋଦିଙ୍କ ବହୁତ ପ୍ରଶଂସା କରିଛନ୍ତି।

# ନିକୋଲାସ ପୁରନଙ୍କୁ ବୋଲିଂ କରିବାକୁ ଡରିଲେଣି ବୋଲର

**ନୂଆଦିଲ୍ଲୀ**



ଆଇପିଏଲ୍-୨୦୨୫ରେ ଚମତ୍କାର ଫର୍ମରେ ଅଛନ୍ତି ନିକୋଲାସ ପୁରନ। ସେ ଯେବେ ବି ବ୍ୟାଟିଂ କରିବାକୁ ଓହ୍ଲାଉଛନ୍ତି, ଚୌକା, ଛକା ବର୍ଷା ହେଉଛି। ମଙ୍ଗଳବାର ଖେଳାଯାଉଥିବା ୨୧ତମ ମ୍ୟାଚ୍‌ରେ ମଧ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁରନ୍ କେକେଆର ବୋଲରମାନଙ୍କୁ ଘାଇଲା କରି ୩୬ ବଲ୍‌ରେ ଅପରାଜିତ ୮୭ ରନ୍‌ର ଇନିଂସ ଖେଳିଥିଲେ। ଏହି ଇନିଂସ ସହ ସେ ଅରେଞ୍ଜ କ୍ୟାପ୍ ଦୌଡ଼ରେ ଶୀର୍ଷ ସ୍ଥାନ ହାସଲ କରି ନେଇଛନ୍ତି। ଏଥିସହ ସେ ଅନେକ ରେକର୍ଡ ମଧ ଭାଙ୍ଗିଛନ୍ତି। ଏକାକି ସେ ଚେନ୍ନାଇ ସୁପରକିଙ୍ଗ୍ସ ଅପେକ୍ଷା ଅଧିକ ଛକା ମାରିଛନ୍ତି। ଏହି ମ୍ୟାଚ୍‌ରେ ନିକୋଲାସ ପୁରନ ମାତ୍ର ୨୧ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ଖେଳାଳି ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବାଧିକ ଅର୍ଦ୍ଧଶତକ ଅର୍ଥାତ ୭ ଥର ଅର୍ଦ୍ଧଶତକ ମାରିଛନ୍ତି। କେବଳ ଏତିକି ନୁହେଁ, ସେ ଆଇପିଏଲରେ ୨୦୦ ଷ୍ଟ୍ରାଇକ ରେଟରେ ୭ ଥର ପଚାଶ ପ୍ଲସ ଇନିଂସ ଖେଳିଛନ୍ତି।

ନିକୋଲାସ ପୁରନ ଆଇପିଏଲ୍ ଇତିହାସରେ ସ୍ପିନରଙ୍କ ବିପକ୍ଷରେ ସର୍ବାଧିକ ଷ୍ଟ୍ରାଇକ୍ ରେଟ୍ ସହିତ ଖେଳିଥିବା ବ୍ୟାଟ୍ସମ୍ୟାନ ପାଲଟିଛନ୍ତି। ସ୍ପିନ୍ ବିପକ୍ଷରେ ପୁରନଙ୍କର ଷ୍ଟ୍ରାଇକ୍ ରେଟ୍ ୨୯୦ ରହିଛି। ନିକୋଲାସ ପୁରନ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୮୭ ରନ କରି ଆଇପିଏଲରେ ତାଙ୍କର ସର୍ବୋତ୍ତମ ସ୍କୋର କରିଥିଲେ।

ନିକୋଲାସ ପୁରାନ ଆଇପିଏଲରେ ୨୦୦୦ ରନ ପୂରଣ କରିଛନ୍ତି। ଏହି ଖେଳାଳି ୧୧୯୯ ବଲରେ ଏହି ସଫଳତା ହାସଲ କରିଛନ୍ତି। ସେ ଆଇପିଏଲ ଇତିହାସରେ ସବୁଠାରୁ ଦ୍ରୁତତମ ୨୦୦୦ ରନ ପୂରଣ କରିଥିବା ବାମହାତୀ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ତେବେ ୧୧୨୦ ବଲ୍‌ରେ ୨୦୦୦ ରନ କରିବାର ରେକର୍ଡ ରସେଲଙ୍କ ନାମରେ ଅଛି।

ନିକୋଲାସ ପୁରନ ୨୦୨୨ ମସିହାରୁ ଏପର୍ଯ୍ୟନ୍ତ ୧୦୦ ଛକା ମାରିସାରିଛନ୍ତି। ଏହି ସଫଳତା ପାଇଥିବା ସେ ଏକମାତ୍ର ଖେଳାଳି। ତାଙ୍କ ପରେ ଶିବମ ଦୁବେ ୮୪ଟି ଛକା ମାରିଛନ୍ତି।

ନିକୋଲାସ ପୁରନ ଏହି ସିଜିନରେ ଏପର୍ଯ୍ୟନ୍ତ ୨୪ଟି ଛକା ମାରିସାରିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସର ସମ୍ପୂର୍ଣ୍ଣ ଦଳ ଏକାଠି ଏପର୍ଯ୍ୟନ୍ତ ଏତେ ଛକା ମାରିନାହାନ୍ତି। ଚେନ୍ନାଇର ନାମରେ ୨୩ଟି ଛକା ଅଛି। ପ୍ରକାଶ ଥାଉକି, ଲକ୍ଷ୍ନୌ ଦଳ ଏହି ସିଜିନରେ ଆଇପିଏଲରେ ସର୍ବାଧିକ ୫୮ଟି ଛକା ମାରିଛି।

# ପୂର୍ବତନ ଫୁଟବଲ୍ ଖେଳାଳିଙ୍କ ପରଲୋକ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ପୂର୍ବତନ ଫୁଟବଲ ଖେଳାଳି ମୁବଶିର ଅହମଦ ଖାଁ (ଟୁନା ଭାଇ) ପିତା ସ୍ୱର୍ଗତ ମୁବାରକ ଅହମଦ ଖାଁଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ରୋଗରେ ପୀଡ଼ିତ ଥାଇ ଘରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ସୋମବାର ଦିନ ୫୮ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ପରଲୋକରେ ସମଗ୍ର କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ପାଇ ସମସ୍ତ ବନ୍ଧୁବାନ୍ଧବ, ଫୁଟବଲ ଖେଳାଳି, ପୋଲିସ ସହପାଠୀ ସହ ଶତାଧିକ ମାନ୍ୟଗଣ୍ୟ ଲୋକ ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ କେରଙ୍ଗ ସ୍ଥିତ ବାଘଟାଙ୍ଗି କବରସ୍ଥାନକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା।



ସେ ଜଣେ ସୁଦକ୍ଷ ଫୁଟବଲ ଖେଳାଳି ଓ କୋଚ୍ ଥିଲେ। କେରଙ୍ଗ ସିନିଅର ଓ ଜୁନିଅର ଫୁଟବଲ ଟିମ୍ ପାଇଁ ତାଙ୍କର ବହୁତ ବଡ଼ ଅବଦାନ ରହିଛି। ବିଶେଷ କରି କେରଙ୍ଗ ଆଦିବାସୀ ଓ ହରିଜନ ତଥା ଗରିବ ଶ୍ରେଣୀର ପିଲାମାନଙ୍କୁ ଖେଳ ମଇଦାନରେ ଆଗକୁ ବଢିବା, ଉନ୍ନତି କରିବା ପ୍ରତିଭାକୁ ଉଜାଗର କରିବା ପାଇଁ ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପ୍ରାଣ ପଣେ ଚେଷ୍ଟା କରିଥିଲେ। ସେ ଜଣେ ପୋଲିସ ଚାକିରିଆ ଥିଲେ। ଓଡ଼ିଶା ପୋଲିସରେ ସେ ୧୯୮୬ ମସିହାରେ ଯୋଗ ଦେଇଥିଲେ। ଆଉ ଦୁଇ ବର୍ଷ ପରେ ଅବସର ନେଇଥାନ୍ତେ। ସେ ଢେଙ୍କାନାଳ ଜିଲ୍ଲା ପୋଲିସ ବିଭାଗର ଫୁଟବଲ ଦଳରେ ୧୦ ବର୍ଷ କ୍ୟାପଟେନ ରହିଥିଲେ। ଓଡ଼ିଶା ଷ୍ଟେଟ୍ ଦଳରେ ବି ୧୦ ବର୍ଷ ଖେଳିଥିଲେ। ଦୁଇଥର ସନ୍ତୋଷ ଟ୍ରଫି ମ୍ୟାଚ୍‌ରେ ମଧ ଖେଳିବାର ସୌଭାଗ୍ୟ ପାଇଥିଲେ। ଖେଳ ପ୍ରତି ତାଙ୍କର ବହୁତ ରୁଚି ଥିଲା। ସେ ଅହମଦୀୟା ମୁସଲିମ ଧାର୍ମିକ ସଂଗଠନ ସହ ଜଡ଼ିତ ରହି ସର୍ବଦା ସଂଗଠନ କାମରେ ମଧ ଆଗ ଧାଡ଼ିରେ ରହୁଥିଲେ। ତାଙ୍କୁ ଦଳର ନେତୃତ୍ୱ ନେବା ସହ ଦାୟିତ୍ୱକୁ ଭଲ ଭାବେ ସମ୍ପାଦନ କରିବାର ବେଶ୍ ଦକ୍ଷତା ହାସଲ ଥିଲା। ଏକାକୀ ସେ ଜଣେ ଭଲ ଫୁଟବଲ ଖେଳାଳି ସହ ସୁସଂଗଠକ, ମେଳାପୀ, ମିଷ୍ଟଭାଷୀ, ସରଳ, ଅମାୟିକ, ଶୁଭଚିନ୍ତକ, ପରାମର୍ଶଦାତା, ନିଷ୍କାମ କର୍ମଯୋଗୀ, ନିଷ୍କପଟ, ପରୋପକରୀ, ଅତିଥି ସତ୍କାରୀ, ବନ୍ଧୁବତ୍ସଳ ଓ ସତ୍ୟନିଷ୍ଠ ଥିଲେ। ଅଲ୍ଲାଃ ଆପଣଙ୍କ ଆତ୍ମାର ସଦ୍‌ଗତି କରିବା ସହ ଆପଣଙ୍କ ଶୋକ ସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ। ଏବଂ ସନ୍ତାନ ସନ୍ତତିଙ୍କୁ ତାଙ୍କ ଆଦର୍ଶ ଜୀବନ ପଥରେ ଆଗେଇ ନିଅନ୍ତୁ।

# ଆପିଏଲ୍‌ରେ ସବୁଠୁ ବିପଜ୍ଜନକ ବୋଲର ଜଶପ୍ରିତ୍ ବୁମ୍ରା : ଗେଲ୍

**ନୂଆଦିଲ୍ଲୀ**

ଆଇପିଏଲ-୨୦୨୫ ଚାଲିଥିବା ବେଳେ ବିଶ୍ୱର ବିସ୍ଫୋରକ ବ୍ୟାଟ୍‌ସମ୍ୟାନ କ୍ରିସ୍ ଗେଲ୍ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। 'ୟୁନିଭର୍ସ ବସ୍' ଭାବରେ ଜଣାଶୁଣା ଗେଲ୍ ଭାରତୀୟ ପେସର ଜଶ୍‌ପ୍ରୀତ୍ ବୁମ୍ରାଙ୍କୁ ସବୁଠାରୁ ବିପଦଜନକ ବୋଲର ଭାବରେ ବାଛିଛନ୍ତି। ବୁମ୍ରା ଆଇପିଏଲରେ ୧୩୪ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ୧୬୫ଟି ଉଇକେଟ ନେଇଛନ୍ତି। ବୁମ୍ରାଙ୍କୁ କେବଳ ଆଇପିଏଲ ନୁହେଁ ବରଂ ବିଶ୍ୱର ସବୁଠାରୁ ବିପଦଜନକ ବୋଲର ଭାବରେ ବିବେଚନା କରାଯାଏ। ଅନ୍ୟପକ୍ଷରେ, ଗେଲ ବିରାଟ କୋହଲିଙ୍କୁ ଆଇପିଏଲର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବରେ ବାଛିଛନ୍ତି।

କ୍ରିସ୍ ଗେଲ୍ ଆଇପିଏଲରେ ୧୪୨ଟି ମ୍ୟାଚ୍ ଖେଳିଛନ୍ତି ଏବଂ ଏହି ସମୟ ମଧ୍ୟରେ ୪୯୬୫ ରନ କରିଛନ୍ତି। ଗେଲ ଆଇପିଏଲରେ ୬ଟି ଶତକ ଏବଂ ୩୧ଟି ଅର୍ଦ୍ଧଶତକ ହାସଲ କରି ଚମତ୍କାର କାର୍ଯ୍ୟ କରିଛନ୍ତି।

ଆଇପିଏଲ ଇତିହାସରେ ସବୁଠାରୁ ବଡ଼ ଇନିଂସ ଖେଳିବାର ରେକର୍ଡ ଗେଲଙ୍କ ନାମରେ ଅଛି। ୨୦୧୩ରେ ପୁଣେ ୱାରିୟର୍ସ ଇଣ୍ଡିଆ ବିପକ୍ଷରେ ଗେଲ



୧୭୫ ରନ କରିଥିଲେ, ଯାହା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର, ଏହି ରେକର୍ଡ ଆଜି ପର୍ଯ୍ୟନ୍ତ କୌଣସି ବ୍ୟାଟ୍ସମ୍ୟାନ ଭାଙ୍ଗି ନାହାନ୍ତି।

ଟି-୨୦ରେ ସର୍ବାଧିକ ରନ କରିବାର ରେକର୍ଡ କ୍ରିସ ଗେଲଙ୍କ ନାମରେ ଅଛି। ଗେଲ୍ ଟି-୨୦ କ୍ରିକେଟରେ ୧୪୫୬୨ ରନ କରିଛନ୍ତି (ଟି-୨୦ରେ କ୍ୟାରିୟରର ସର୍ବାଧିକ ରନ)। ଗେଲ ୪୬୩ଟି ମ୍ୟାଚ ଖେଳିଛନ୍ତି। ଗେଲଙ୍କ ନାମରେ ଟି-୨୦ରେ ୨୨ ଶତକ ଏବଂ ୮୮ ଅର୍ଦ୍ଧଶତକ ଅଛି। ଟି-୨୦ରେ ଗେଲଙ୍କ ଷ୍ଟ୍ରାଇକ ରେଟ ୧୪୪.୭୫ ରହିଛି।

# ମୁଣ୍ଡରେ ଆଘାତ ଲାଗିବା ପରେ ଅବସର ନେଲେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ୍



**ନୂଆଦିଲ୍ଲୀ**

ଆଘାତଜନିତ ସଂଘର୍ଷ ଦ୍ୱାରା ଭାଙ୍ଗିଯାଇଥିବା କ୍ୟାରିଅର ପରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍ ୱିଲ୍ ପୁକୋଭସ୍କି ମଙ୍ଗଳବାର କ୍ରିକେଟରୁ ତାଙ୍କର ଅବସର ନିଶ୍ଚିତ କରିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ସେ ଏପର୍ଯ୍ୟନ୍ତ 'ଭୟଙ୍କର' ଲକ୍ଷଣ ଭୋଗୁଛନ୍ତି। ଭିକ୍ଟୋରିଆନ୍ ଓପନର ଶେଷ ଥର ପାଇଁ ମାର୍ଚ୍ଚ ୨୦୨୪ରେ ସେଫିଲ୍ଡ ସିଲ୍ଡରେ ଖେଳିଥିଲେ ଏବଂ ବୋଲର ରିଲେ ମେରେଡିଥ୍‌ଙ୍କ ବଲ ହେଲମେଟରେ ଆଘାତ ଲାଗିବାରୁ ତାଙ୍କୁ ଆଘାତପ୍ରାପ୍ତ ହୋଇ ଅବସର ନେବାକୁ ବାଧ ହୋଇଛନ୍ତି। ପୁକୋଭସ୍କି କହିଛନ୍ତି ଯେ ତାଙ୍କର ଆନୁଷ୍ଠାନିକ ଘୋଷଣା ତାଙ୍କୁ ଅବସର ନେବା ପାଇଁ ଏକ ମେଡିକାଲ୍ ପ୍ୟାନେଲ୍ ସୁପାରିସ ପରେ ହୋଇଛି। ୨୭ ବର୍ଷୀୟ ଖେଳାଳି ସିଧାସଳଖ ପ୍ରଶିକ୍ଷକ ପଦରେ ଯୋଗ ଦେଇଛନ୍ତି, ଭିକ୍ଟୋରିଆନ୍ ପ୍ରିମିୟର ସାଇଡ୍ ମେଲବୋର୍ଣ୍ଣ ତାଙ୍କୁ ସେମାନଙ୍କର ପୁରୁଷ ମୁଖ୍ୟ ପ୍ରଶିକ୍ଷକ ଭାବରେ ଘୋଷଣା କରିଛନ୍ତି। ପୁକୋଭସ୍କି ଚ୍ୟାନେଲ୍ ସେଭେନ୍ ସହିତ ଏକ ଭାଷ୍ୟକାର ଭୂମିକା ମଧ ଗ୍ରହଣ କରିଛନ୍ତି।

# କେନ୍ଦୁଝରରେ ଆରମ୍ଭ ହେଲା ଜାତୀୟ ହ୍ୟାଣ୍ଡବଲ ଚାମ୍ପିଅନସିପ୍




**କେନ୍ଦୁଝର,ନ୍ୟୁଜ୍**

କେନ୍ଦୁଝରର ପ୍ରକଳାଇନ ସ୍ଥିତ ହ୍ୟାଣ୍ଡବଲ କୋଟରେ ୩୯ତମ ଜାତୀୟ କନିଷ୍ଠ ବାଳକ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ଦୀର୍ଘ ୪୫ ବର୍ଷ ପରେ କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଜାତୀୟସ୍ତରୀୟ ଚମ୍ପିଆନସିପ୍ କୁ ତେଲକୋଇ ବିଧାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ରୂପେ ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସିନ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଆନନ୍ଦେଶ୍ୱର ପାଣ୍ଡେ ଯୋଗଦେଇଥିଲେ। ଏଥିରେ ୨୬ଟି ରାଜ୍ୟର ୫ଶହରୁ ଉର୍ଦ୍ଧ୍ୱ ଖେଳାଳି ଯୋଗ ଦେଉଥିବା ବେଳେ ଚାମ୍ପିଅନସିପ୍‌ରେ ସମୁଦାୟ ୪୦ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖରେ ଏହି ଜାତୀୟସ୍ତରୀୟ ଚାମ୍ପିଅନସିପ୍ ମ୍ୟାଚ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୧୨ତାରିଖରେ ଏହି ଜାତୀୟସ୍ତରୀୟ ଚାମ୍ପିଅନସିପ୍‌ର ଉଦ୍‌ଯାପନୀ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା : ସମାବେଶୀ ଉଦ୍ୟମିତା କ୍ଷେତ୍ରରେ ଏକ ଦଶନ୍ଧିର ଯାତ୍ରା



**ଶ୍ରୀ ମନୋଜ ମିତ୍ତଲ**
ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ, ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏପ୍ରିଲ ୮, ୨୦୧୫ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ), ଭାରତରେ ସୂକ୍ଷ୍ମ ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ଋଣ ପ୍ରଦାନକୁ ସୁଗମ କରିବାରେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିଛି। ଗତ ଏକ ଦଶନ୍ଧି ମଧ୍ୟରେ କ୍ଷୁଦ୍ର ଋଣକୁ ଆନୁଷ୍ଠାନିକ କରି ନିଯୁକ୍ତି ଏବଂ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏହାର ଅବଦାନ ଉଲ୍ଲେଖନୀୟ। ୨୦୨୩-୨୪ରେ, ମୁଦ୍ରା ଯୋଜନା ଅଧୀନରେ ୫ ଲକ୍ଷ ୩୨ ହଜାର କୋଟି ମୂଲ୍ୟର ଋଣ ପ୍ରଦାନ କରାଯାଇଛି। ଏହି ବର୍ଦ୍ଧିତ ପରିମାଣ ଯୋଜନାର ଲୋକପ୍ରିୟତା ଏବଂ ପ୍ରଭାବକୁ ପ୍ରତିଫଳିତ କରେ। ଅନ୍ୟପକ୍ଷରେ ସରକାରଙ୍କ ଅଣବ୍ୟାଙ୍କିଙ୍ଗ୍ କାରବାରକୁ ବ୍ୟାଙ୍କିଙ୍ଗ କରିବା, ଅସୁରକ୍ଷିତକୁ ସୁରକ୍ଷିତ କରିବା ଏବଂ ଅଭାବୀଙ୍କୁ ପାଣ୍ଠି ଯୋଗାଇବା ପରି ଆର୍ଥିକ ଅନ୍ତର୍ଭୁକ୍ତି ପଦକ୍ଷେପ ନେଇ ପିଏମ୍‌ଏମ୍‌ୱାଇ ସମଗ୍ର ଭାରତରେ ଔଦ୍ୟୋଗୀକତା ତଥା ନବସୃଜନର ଅଙ୍କୁରୋଦଗମ କରିଛି।

**ମୁଦ୍ରା ଋଣର ପ୍ରମୁଖ ବୈଶିଷ୍ଟ୍ୟ :** ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ପ୍ରଦାନ କରାଯାଇଥିବା ଋଣକୁ ଚାରୋଟି ବର୍ଗରେ ବିଭକ୍ତ କରାଯାଇଛି (୧) ଶିଶୁ: ଯାହା ଅଧିନରେ ୫୦ ହଜାର ଟଙ୍କା ଯାଏ ଋଣ ପ୍ରଦାନ କରାଯାଇପାରିବ। (୨) କିଶୋର ଯୋଜନାରେ ୫୦ ହଜାର ଟଙ୍କାରୁ ଅଧିକ ଏବଂ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ବ୍ୟବସ୍ଥା ରହିଛି। (୩) ତରୁଣ : ୫ ଲକ୍ଷ ରୁ ଅଧିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ (୪) ତରୁଣ ପ୍ଲସ୍ : ୧୦ ଲକ୍ଷ ରୁ ଅଧିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ ବିନା ଗ୍ୟାରେଣ୍ଟିରେ ଋଣ ପ୍ରଦାନ ବ୍ୟବସ୍ଥା ରହିଛି।

କ୍ଷୁଦ୍ର ଏବଂ ସୂକ୍ଷ୍ମ ଉଦ୍ୟୋଗୀମାନଙ୍କ ପାଇଁ ମୁଦ୍ରା ଯୋଜନା ଗତ ଏକ ଦଶନ୍ଧି ମଧ୍ୟରେ ଅନେକ ସଫଳତାର କାହାଣୀ ଲେଖିବା ସହ ଲୋକପ୍ରିୟତା ହାସଲ କରିଛି। ଯେଉଁ ବୈଶିଷ୍ଟ୍ୟଗୁଡ଼ିକ ଲୋକପ୍ରିୟତାର କାରଣ ହୋଇଛି ସେଗୁଡ଼ିକ ହେଲା : (୧) ମିଆଦି ଋଣ ପ୍ରଦାନ ବ୍ୟତୀତ ରୂପେ ଡେବିଟ୍ କାର୍ଡ ମାଧ୍ୟମରେ ଓଭରଡ୍ରାଫ୍ଟ ସୁବିଧା (୨) ବ୍ୟବସାୟିକ ନଗଦ ସହିତ ମେଳ ଖାଉଥିବା ନମନୀୟ ପରିଶୋଧ ସର୍ତ୍ତାବଳୀ (୩) ପ୍ରାୟ ସମସ୍ତ ନିୟନ୍ତ୍ରିତ ବ୍ୟାଙ୍କ ଏବଂ ଅଣ-ବ୍ୟାଙ୍କ ଋଣଦାତାଙ୍କ ଅଂଶଗ୍ରହଣ ସହିତ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ଉଚ୍ଚ ଡିଜିଟାଲ୍ ପହଞ୍ଚ ଏବଂ (୪) ଏନ୍‌ସିଜିଟିସି ଦ୍ୱାରା ପରିଚାଳିତ ସିଜିଏଫଏମୟୁରୁ ଗ୍ୟାରେଣ୍ଟି କଭରେଜ୍।

**ପିଏମ୍ ମୁଦ୍ରା ଡ୍ୟାସ୍‌ବୋର୍ଡ :** ଆରମ୍ଭ ଦିନଠାରୁ ଏବଂ ୧୪ ମାର୍ଚ୍ଚ, ୨୦୨୫ ସୁଦ୍ଧା, ଏହି ଯୋଜନା ଅଧୀନରେ ୩୩ ଲକ୍ଷ ୫୪ ହଜାର କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ୩୨ଲକ୍ଷ ୭୬ ହଜାର କୋଟି ଟଙ୍କା ବଣ୍ଟନ କରାଯାଯାଇଛି। ଏଥିରେ ୫୨ କୋଟି ୨୪ ଲକ୍ଷ କୋଟି ଋଣ ଆକାଉଣ୍ଟ ସାମିଲ ରହିଛି। ଚଳିତ ବର୍ଷ ଆଜି ପର୍ଯ୍ୟନ୍ତ ମୋଟ ମଞ୍ଜୁର ପରିମାଣ ୨ ଲକ୍ଷ ୬୫ ହଜାର କୋଟି ହୋଇଥିବାବେଳେ ବଣ୍ଟନ କରାଯାଇ ଥିବା ପରିମାଣ ହେଉଛି ୪ କୋଟି ୫୪ ଲକ୍ଷ କୋଟି ଟଙ୍କା।

ମୁଦ୍ରା ଯୋଜନା ଦେଶର ପ୍ରତିଟି ଅଞ୍ଚଳରେ ଆଦୃତ ଲାଭ କରିଛି। ତାମିଲନାଡୁ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ ଏବଂ ବିହାର କ୍ରମାଗତ ଭାବରେ ବିଏମ୍ ମୁଦ୍ରା ଯୋଜନାରେ ଋଣ ବଣ୍ଟନ କ୍ଷେତ୍ରରେ ଶୀର୍ଷ ପାଞ୍ଚଟି ରାଜ୍ୟ ହୋଇ ରହିଛନ୍ତି। ଏହି ରାଜ୍ୟଗୁଡ଼ିକରେ ବଣ୍ଟନ କରାଯାଇଥିବା ଋଣ ପରିମାଣ ମୋଟ ଆବଣ୍ଟନର ୪୬.୪ ପ୍ରତିଶତ। ସେହିପରି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ସମୁଦାୟ ବଣ୍ଟନ ହୋଇଥିବା ଋଣ ରାଶି ସର୍ବନିମ୍ନ ୨.୯ ପ୍ରତିଶତ ରହିଛି।

୨୦୨୪-୨୫ ଆର୍ଥିକ ବର୍ଷରେ ୧୪ ମାର୍ଚ୍ଚ, ୨୦୨୫ ସୁଦ୍ଧା ପ୍ରଦାନ କରାଯାଇଥିବା ଋଣରେ 'ଶିଶୁ', 'କିଶୋର' ଏବଂ 'ତରୁଣ' ବର୍ଗରେ ଯଥାକ୍ରମେ ୧୮.୬%, ୫୦.୩% ଏବଂ ୩୦.୫% ଋଣ ବଣ୍ଟନ କରାଯାଇଛି। ଋଣର ହାରାହାରି ଆକାର କାର୍ଯ୍ୟର ପ୍ରଥମ ବର୍ଷଠାରୁ ଦ୍ୱିଗୁଣିତ ହୋଇ ଆର୍ଥିକ ବର୍ଷ ୨୦୧୬ ରେ ୩୯,୪୦୫ ଟଙ୍କାରୁ ବଢ଼ି ୨୦୨୪ ରେ ୮୧,୦୧୮ ଏବଂ ଚଳିତ ବର୍ଷ ମାର୍ଚ୍ଚ ୧୪, ୨୦୨୫ ସୁଦ୍ଧା ୧.୦୩ ଲକ୍ଷ ହୋଇଛି।

**ମୁଦ୍ରା ଯୋଜନାର ପରିବର୍ତ୍ତନକାରୀ ପ୍ରଭାବ :** ପିଏମ୍ ମୁଦ୍ରା ସବୁଠାରୁ ଅନ୍ତର୍ଭୁକ୍ତ ସରକାରୀ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ। ଲକ୍ଷ ଲକ୍ଷ କ୍ଷୁଦ୍ର-ଉଦ୍ୟୋଗୀଙ୍କୁ ପ୍ରଥମଥର ପାଇଁ ସହଜରେ ଆନୁଷ୍ଠାନିକ ଋଣ ପ୍ରଦାନରେ ଏହା ସହାୟକ ହୋଇଛି। ୧୪ ମାର୍ଚ୍ଚ, ୨୦୨୫ ସୁଦ୍ଧା, ୧୦.୭୧ କୋଟି ନୂତନ ଉଦ୍ୟୋଗୀ ଆକାଉଣ୍ଟକୁ ୧୦.୨୮ ଲକ୍ଷ କୋଟି ଟଙ୍କାର ମୁଦ୍ରା ଋଣ ମଞ୍ଜୁର କରାଯାଇଛି ଯାହା କ୍ରମାଗତ ମଞ୍ଜୁରୀ ପରିମାଣର ୩୦.୭ ପ୍ରତିଶତ। ମହିଳା ଉଦ୍ୟୋଗୀମାନଙ୍କ ପାଇଁ ସମୁଦାୟ ମଞ୍ଜୁରୀ ୧୪.୬୮ ଲକ୍ଷ କୋଟି ଟଙ୍କା, ଯାହା ମୋଟ ମଞ୍ଜୁରୀର ୪୩.୮ ପ୍ରତିଶତ। ଏହା ବ୍ୟତୀତ, ଏସ୍‌ସି/ଏସ୍‌ଟି/ଓବିସି ବର୍ଗଙ୍କ ପାଇଁ ମୋଟ ମଞ୍ଜୁରୀ ପରିମାଣ ହେଉଛି ୧୧.୫୫ ଲକ୍ଷ କୋଟି ଟଙ୍କା, ଓବିସିଙ୍କ ସମୁଦାୟ କ୍ରମାଗତ ମଞ୍ଜୁରୀର ୩୪.୪%।

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ସୁଲଭ ବନ୍ଧକ ଶୂନ୍ୟ ଋଣ ପ୍ରଦାନ କରି ଆତ୍ମନିଯୁକ୍ତି ଏବଂ ଔଦ୍ୟୋଗୀକତାକୁ ଉତ୍ସାହିତ କରେ, ବିଶେଷକରି ଗ୍ରାମାଞ୍ଚଳରେ। ଅର୍ଥାତ୍ ଉଭୟ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳରେ ଏହାଦ୍ୱାରା ନୂତନ ନିଯୁକ୍ତି ସୃଷ୍ଟି ହୋଇଛି ଏବଂ ବେକାରୀକୁ ହ୍ରାସ ପାଇଛି।

**ପିଏମଏମୱାଇର ପ୍ରକୃତ କାହାଣୀ :** ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାକୁ ନେଇ ଅନେକ ସଫଳତାର କାହାଣୀ ରହିଛି, ଯାହା ଏହାର ପରିବର୍ତ୍ତନକାରୀ ଶକ୍ତିକୁ ଦର୍ଶାଇଥାଏ। ଏମିତି ଏକ କାହାଣୀର ନାୟିକା ହେଉଛନ୍ତି ଝାଡ଼ଖଣ୍ଡର ମାଳତୀ ଦେବୀ। ସେ ପୂର୍ବରୁ ଜଣେ ସଂଘର୍ଷ କରୁଥିବା କୃଷି ଶ୍ରମିକ ଥିଲେ। ପଶୁପାଳନ ବ୍ୟବସାୟ ଆରମ୍ଭ କରିବା ପାଇଁ ୧ ଲକ୍ଷ ଟଙ୍କାର ଋଣ ଏହି ଯୋଜନାରେ ଉଠାଇଲେ। ଏହାର ସଦ୍‌ଉପଯୋଗ କଲେ ଆଉ ତାଙ୍କ ପରିବାରର ଜୀବିକା ଉନ୍ନତ କରିଥିଲେ ଏବଂ ତାଙ୍କ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବାରେ ସକ୍ଷମ ହେଲେ। ସେହିପରି ମେଘାଳୟରେ, ସୀମା ରାଣୀ ମାଳାକର ସିଲାଇ ମେସିନ କିଣିବା ପାଇଁ ୪୦,୦୦୦ ଟଙ୍କାର ଋଣ ନେଇଥିଲେ, ତାଙ୍କ ଘରେ ଟେଲରିଂ ବ୍ୟବସାୟ ଆରମ୍ଭ କରିଥିଲେ। ଆଜି, ସେ ସ୍ୱାଧୀନ ଏବଂ ତାଙ୍କ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ସକ୍ଷମ। ସେହିପରି, ଜୟପୁରର ସୁରେଶ ଜାଟ ୭ ଲକ୍ଷ୯୫ ହଜାର ଋଣ ନେଇ ଏକ କାର୍ଗୋ ପରିବହନ ବ୍ୟବସାୟ ଆରମ୍ଭ କରିଥିଲେ, ଯାହା ଆଜି ନିରନ୍ତର ବୃଦ୍ଧି ପାଉଛି। ଏଥିରୁ ହେଉଥିବା ଆୟ ଦ୍ୱାରା ସେ ନିଜ ପରିବାର ପାଇଁ ଏକ ଘର ନିର୍ମାଣ କରିପାରିଛି।

**ମୁଦ୍ରାର ଭୂମିକା :** ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ (ସିଡ୍‌ବି)ର ଏକ ସହାୟକ କମ୍ପାନୀ ଭାବରେ ପ୍ରତିଷ୍ଠିତ, ମାଇକ୍ରୋ ୟୁନିଟ୍ସ ଡେଭଲପମେଣ୍ଟ ଆଣ୍ଡ ରିଫାଇନାନ୍ସ ଏଜେନ୍ସି ଲିମିଟେଡ୍ (ମୁଦ୍ରା) ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ସଂସ୍ଥା ଏବଂ ଏମ୍‌ଏଫ୍‌ଆଇ ଦ୍ୱାରା ପିଏମ୍ ମୁଦ୍ରା ଋଣ ସୁଗମ ପ୍ରବାହ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ୨୮ ଫେବୃଆରୀ, ୨୦୨୫ ସୁଦ୍ଧା, ମୁଦ୍ରା ଲିମିଟେଡ୍ ପିଏମ ମୁଦ୍ରା ଯୋଜନା ଅଧୀନରେ ଋଣ ପ୍ରଦାନ ପାଇଁ ୯୫,୩୫୦ କୋଟି ଟଙ୍କାର ପାଣ୍ଠି ମଞ୍ଜୁର କରିଥିବାବେଳେ ୯୦,୮୪୨ କୋଟିଟଙ୍କା ପ୍ରଦାନ କରିଛି।

ଶେଷକଥା : ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ନିଜ ପାଇଁ ଏବଂ ସେମାନଙ୍କ ଆଖପାଖରେ ଅନ୍ୟମାନଙ୍କ ପାଇଁ ଜୀବିକା ସୃଷ୍ଟି କରିବାକୁ ଚାହୁଁଥିବା ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଭାରତର କ୍ଷୁଦ୍ର ବ୍ୟବସାୟ ପରିଦୃଶ୍ୟ ଉପରେ ଏକ ପରିବର୍ତ୍ତନକାରୀ ପ୍ରଭାବ ପକାଇଛି। କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସଶକ୍ତ କରିବା ସହ ଏହି ଯୋଜନା ଔଦ୍ୟୋଗୀକତାକୁ ପ୍ରୋତ୍ସାହିତ କରି, ସରକାରଙ୍କ ଆତ୍ମନିଯୁକ୍ତି, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟକୁ ବ୍ୟାପକ କରିବାରେ ସକ୍ଷମ ହୋଇଛି। ପିଏମ୍ ମୁଦ୍ରା ଯୋଜନା ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ଏକ ଦଶନ୍ଧି ମଧ୍ୟରେ ଭାରତର ପ୍ରତିଟି କୋଣରେ ନବସୃଜନର ପ୍ରତୀକ ହୋଇଛି। ଆଗକୁ ଏହା 'ବିକଶିତ ଭାରତ'ର ଦୃଷ୍ଟିକୋଣକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଅପ୍ରେଲ ୨୦୨୫ ବୁଧବାର





# ଲିଙ୍ଗରାଜ ମହୋତ୍ସବ ଚତୁର୍ଥ ସନ୍ଧ୍ୟା : ନୃତ୍ୟରେ ବିମୋହିତକଲେ କଳାକାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ତୃତୀୟ ସନ୍ଧ୍ୟାରେ ନୃତ୍ୟରେ ବିମୋହିତ କରିଥିଲେ ବିଭିନ୍ନ କଳାକାରମାନେ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଚିତାକର୍ଷକ ନୃତ୍ୟକୁ ଦେଖି ଦର୍ଶକ ବିମୁଗ୍ଧ ହୋଇଥିଲେ। ପ୍ରଥମେ ଗୁରୁ ପ୍ରତିଭା ପଣ୍ଡାଙ୍କ ଦଳ ଦ୍ୱାରା ଓଡ଼ିଶୀ ନୃତ୍ୟରେ ପରିବେଷଣ କରିଥିଲେ। ପରେ ଇଷ୍ଟନ୍‌ଜୋନ୍ କଲଚରାଲ ସେଣ୍ଟର ପକ୍ଷରୁ ବିହାରର ସାକର କଳା କ୍ରିତି ପକ୍ଷରୁ ଲୋକ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ରିତେଶ ବାବୁ ଓ ଦଳ ଦ୍ୱାରା ଭିଳାଇ ଡ୍ରାମା ଓ ନୃତ୍ୟ ପରିବେଶତ ହୋଇଥିଲା। ମଣିପୁର ନୃତ୍ୟ ପରିବେଷଣ କରିଥିଲେ ଶାନ୍ତି



ନିକେତନ କଳାକାରମାନେ। ଶୁଭଶ୍ରୀ କଳା ନିକେତନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକ ନୃତ୍ୟମ ଅନୁଷ୍ଠାନ ପକ୍ଷରୁ କ୍ରିଏଟିଭ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଏଥିରେ ଅତିଥି ଭାବେ ପଦ୍ମଶ୍ରୀ ପ୍ରଭାକର ମହାରଣା, ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ସମାଜର ଭୁବନେଶ୍ୱର ମୁଖ୍ୟ ଗୋପୀନାଥ ବାରିକ, ହସ୍ୟଅଭିନେତା ହରିହର ମିହାପାତ୍ର, ପିପିଏଲ କର୍ପୋରେଟ ମୁଖ୍ୟ ସୁଧୀର ରଞ୍ଜନ ମିଶ୍ର, ରଶ୍ମି ମହାପାତ୍ର, ଦୁର୍ଗା ସାମନ୍ତରାୟ, ବିରଞ୍ଚି ନାରାୟଣ ମହାପାତ୍ର, ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ସନତ୍ ମିଶ୍ରଙ୍କ ଅଧକ୍ଷତାରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଏଥିରେ ଅନୁଷ୍ଠାନର କୋଷାଧକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ମ୍ୟାନେଜର ବିଶ୍ୱନାଥ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ସୁଧୀର ରଞ୍ଜନ ଜେନା, ପ୍ରମୋଦ ଦାସ, ଗଣେଶ ପାଲ, ପ୍ରତାପ ପଟ୍ଟନାୟକ, ତପନ ମହାସୁଆର, ଦେବାଶିଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧନା କରିଥିଲେ।

# ମେରାମଣ୍ଡଳୀ ରେଳ ଷ୍ଟେସନରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ୧୧ ଯୋଡ଼ା ଟ୍ରେନ୍ ବାତିଲ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବୁଢ଼ାପଙ୍କ-ଶାଳଗାଁ ୩ୟ ଏବଂ ୪ର୍ଥ ରେଳ ଲାଇନ ପ୍ରକଳ୍ପ ଅନ୍ତର୍ଗତ ଢେଙ୍କାନାଳ-ଅନୁଗୁଳ ରେଳ ସେକ୍ସନରେ ହିନ୍ଦୋଳ ରୋଡ଼ ଏବଂ ମେରାମଣ୍ଡଳୀ ରେଳ ଷ୍ଟେସନ ମଧ୍ୟରେ ୨୭.୨୮ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ କାର୍ଯ୍ୟ ସମ୍ପାଦନ ପାଇଁ ମେରାମଣ୍ଡଳୀ ରେଳ ଷ୍ଟେସନରେ ଗୁରୁତ୍ୱପୂର୍ଣ୍ଣ ଟ୍ରାକ୍ ଲିଙ୍କିଂ ଏବଂ ନନ-ଇଂଟରଲକିଙ୍ଗ ଜନିତ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲୁରହିଛି । ଏହି ପ୍ରକ୍ରିୟାର ଏକ ଅଂଶ ଭାବରେ, ନିର୍ମାଣ କାର୍ଯ୍ୟଗୁଡିକର ଦକ୍ଷତାକୁ ସୁନିଶ୍ଚିତ କରିବା ପାଇଁ ଟ୍ରେନ୍ ସେବାକୁ ସାମୟିକ ଭାବରେ ପରିବର୍ତନ କରିବାକୁ ନିଷ୍ପତି ନିଆଯାଇଛି । ଅନେକ ଟ୍ରେନ୍ ଏପ୍ରିଲ୍ ୧୩ରୁ ୨୪ ତାରିଖ ମଧ୍ୟରେ ନିର୍ଧାରିତ ଦିନମାନଙ୍କରେ ବାତିଲ୍ ଏବଂ ମାର୍ଗ ପରିବର୍ତ୍ତନ କରିବ । ଟ୍ରେନ ଯାତ୍ରୀ ମାନଙ୍କର ଅସୁବିଧାକୁ ହ୍ରାସ କରିବାର ମୂଳ ଲକ୍ଷ୍ୟ ସହିତ ଏହି ପରିବର୍ତନ କରାଯାଇଛି ।

ବାତିଲ ହେବାକୁ ଥିବା ଟ୍ରେନ୍ ଗୁଡିକ ହେଲା ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ୍-ଭୁବନେଶ୍ୱର ସ୍ପେଶାଲ୍ , ୧୮୪୨୨/୧୮୪୨୧ ସୋନପୁର-ପୁରୀ-ସୋନପୁର ଏକ୍ସପ୍ରେସ , ୨୦୮୧୩/୨୦୮୧୪ ପୁରୀ-ଯୋଧପୁର-ପୁରୀ ଏକ୍ସପ୍ରେସ , ୧୮୧୨୫/୧୮୧୨୬ ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ , ୧୨୧୪୫/୧୨୧୪୬ ଏଲଟିଟି-ପୁରୀ-ଏଲଟିଟି ଏକ୍ସପ୍ରେସ , ୧୨୯୯୩/୧୨୯୯୪ ଗାନ୍ଧୀଧାମ-ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ , ୨୨୮୦୫/୨୨୮୦୬ ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ , ୨୦୯୧୭/୨୦୯୧୮ ଇନ୍ଦୋର-ପୁରୀ-ଇନ୍ଦୋର ଏକ୍ସପ୍ରେସ , ୧୮୧୧୭/୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରଣୀ ଏକ୍ସପ୍ରେସ , ୨୦୮୩୨/୨୦୮୩୧ ସମ୍ବଲପୁର-ଶାଲିମାର-ସମ୍ବଲପୁର ଏକ୍ସପ୍ରେସ ଏବଂ ୨୦୮୦୪/୨୦୮୦୩ ସମ୍ବଲପୁର-ଶାଲିମାର-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ ।

ସେହିପରି ୧୭ ଏବଂ ୨୧ ଏପ୍ରିଲରେ ଭୁବନେଶ୍ୱରରୁ ୧୨୮୮୦ ଭୁବନେଶ୍ୱର-ଏଲଟିଟି ଏକ୍ସପ୍ରେସ; ୨୨ ଏପ୍ରିଲରେ ପୁରୀରୁ ୨୨୮୬୬ ପୁରୀ-ଏଲଟିଟି ଏକ୍ସପ୍ରେସ ଏବଂ ୨୦୪୭୨ ପୁରୀ-ଲାଲଗଡ଼ (ବିକାନେର) ଏକ୍ସପ୍ରେସ ପୁରୀରୁ ୧୬ ଏପ୍ରିଲ, ୧୨୮୭୯ ଏଲଟିଟି-ଭୁବନେଶ୍ୱର ଏକ୍ସପ୍ରେସ ଏଲଟିଟିରୁ ୧୭ ଏପ୍ରିଲ, ୨୦୪୭୧ ଲାଲଗଡ଼-ପୁରୀ ଏକ୍ସପ୍ରେସ ଲାଲଗଡ଼ରୁ ୨୨ ଏପ୍ରିଲ ଦିନ ମାର୍ଗ ପରିବର୍ତ୍ତନ କରି ଭାୟା ଝାରସୁଗୁଡା-ସମ୍ବଲପୁର-ଟିଟିଲାଗଡ଼-ବିଜୟନଗରମ-ଖୋର୍ଦ୍ଧା ରୋଡ଼ ମାର୍ଗ ଦେଇ ଚଳାଚଳ କରିବ। ୨୦୮୦୭/୨୦୮୦୮ ବିଶାଖାପାଟନମ୍-ଅମୃତସର-ବିଶାଖାପାଟନମ୍ ହିରାକୁଦ୍ ଏକ୍ସପ୍ରେସ ଅମୃତସରରୁ ୧୬, ୧୯ ଓ ୨୦ ଏପ୍ରିଲ ରେ ଏବଂ ବିଶାଖାପାଟନମରୁ ୧୮, ୧୯ ଓ ୨୨ ଏପ୍ରିଲରେ ମାର୍ଗ ପରିବର୍ତନ କରି ଝାରସୁଗୁଡା-ସମ୍ବଲପୁର-ଟିଟିଲାଗଡ଼-ବିଜୟନଗରମ ମାର୍ଗ ଦେଇ ଚଳାଚଳ କରିବ । ୨୦୮୨୩ ପୁରୀ-ଆଜମେର ଏକ୍ସପ୍ରେସ ପୁରୀରୁ ୧୭ ଏବଂ ୨୧ ଏପ୍ରିଲରେ ମାର୍ଗ ପରିବର୍ତ୍ତନ କରି ଭାୟା ଖୋର୍ଦ୍ଧା ରୋଡ-ବିଜୟନଗରମ-ଟିଟିଲାଗଡ-ଲାଞ୍ଜିଗଡ଼ ମାର୍ଗ ଦେଇ ପରିବର୍ତ୍ତିତ ମାର୍ଗରେ ଚଳାଚଳ କରିବ ।



ଭୁବନେଶ୍ୱର : ଓଡ଼ିଆ ପକ୍ଷ ପାଳନର ୮ମ ଦିବସରେ ରକ୍ତଦାନ ଅଭିଯାନ ସହ ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। (ଫଟୋ : ସମ୍ବାଦ କଳିକା)

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ତୃତୀୟ ଉତ୍କଳକୃଷିମେଳା

## କୃଷକମାନଙ୍କୁ ସଶକ୍ତ ଏବଂ କୃଷି ନବସୃଜନକୁ ପ୍ରୋତ୍ସାହିତ କରିବାକୁ ଆହ୍ୱାନ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ସେଞ୍ଚୁରିଅନ୍ ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟ, ଓଡ଼ିଶାର ପାରଳାଖେମୁଣ୍ଡି ପରିସରରେ ଏମ.ଏସ. ସ୍ୱାମୀନାଥନ କୃଷି ବିଦ୍ୟାଳୟ ଦ୍ୱାରା ଦୁଇ ଦିନିଆ ତୃତୀୟ ଉତ୍କଳ କୃଷି ମେଳା ଆୟୋଜିତ ହୋଇଥିଲା, ଯେଉଁଥିରେ ଅଞ୍ଚଳର ହଜାର ହଜାର ଚାଷୀ, କୃଷି ବିଶେଷଜ୍ଞ ଏବଂ ଉଦ୍ୟୋଗପତି ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡିର ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଭାରତୀୟ କୃଷି ଗବେଷଣା ପରିଷଦ, ନୂଆଦିଲ୍ଲୀର ମତ୍ସ୍ୟ ଉପ-ନିର୍ଦ୍ଦେଶକ ପ୍ରଫେସର ଜେ.କେ. ଜେନା, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ବିଜୟ କୁମାର ଦାଶ ଓ ପାରଳାଖେମୁଣ୍ଡିର ଜିଲ୍ଲା ବନ ଅଧିକାରୀ କେ. ନାଗରାଜୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଦୀପ ପ୍ରଜ୍ୱଳନ ସହିତ ରାଜ୍ୟ ସଂଗୀତ ଗାନ କରାଯାଇ ଥିଲା ଏବଂ ସ୍ଥାନୀୟ ଚାଷୀଙ୍କ ଦ୍ୱାରା ଏକ ହୃଦୟସ୍ପର୍ଶୀ ଭାଷଣ ଦିଆଯାଇଥିଲା, ଯାହା ତୃଣମୂଳ ସ୍ତରର କୃଷି ବିକାଶ ଉପରେ କେନ୍ଦ୍ରିତ ଦିବସର ସ୍ୱର ସୃଷ୍ଟି କରିଥିଲା। ବିଧାୟକ କହିଥିଲେ ଯେ, ଦକ୍ଷତା ଆଧାରିତ କୃଷି ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଚାଷୀମାନଙ୍କ ନିକଟରେ ବିଭିନ୍ନ କୃଷି ପ୍ରଯୁକ୍ତିବିଦ୍ୟା



ପହଞ୍ଚାଇବାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଭୂମିକାକୁ ପ୍ରଶଂସା କରିଥିଲେ। ଡିଡିଜି ମତ୍ସ୍ୟ ବିଭାଗ ଏକ ଉନ୍ନତ ମାନର ଖାଦ୍ୟ ଭାବରେ ମାଛର ଗୁରୁତ୍ୱ ଏବଂ ଜଳବାୟୁ ପରିବର୍ତ୍ତନ କିପରି ଗୁଣବତ୍ତା ଏବଂ ପରିମାଣ ଦୃଷ୍ଟିରୁ ମାଛ ଚାଷକୁ ପ୍ରଭାବିତ କରୁଛି ସେ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସଙ୍କୁଚିତ କୃଷି ଜମିରେ କିପରି ଅଧିକ ଫସଲ ଚାଷ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ବନ ଅଧିକାରୀ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ କୁଶଳ କୃଷି ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ପ୍ରତିଷ୍ଠିତ ପ୍ରତିଷ୍ଠାନ, ଏନଜିଓ, କୃଷକ ଉତ୍ପାଦକ କମ୍ପାନୀ, ଛାତ୍ର ଏବଂ ବିଭିନ୍ନ ସରକାରୀ ବିଭାଗର ଗବେଷକ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। କୃଷି ଏବଂ ଆନୁଷଙ୍ଗିକ ଉତ୍ପାଦ ପ୍ରଦର୍ଶନ ପାଇଁ ପଚାଶ ସଂଖ୍ୟାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିମାନେ ପ୍ରଫେସର ଡି ଏନ୍ ରାଓ (ଉପ-ସଭାପତି,) ଏବଂ ପ୍ରଫେସର ଅନିତା ପାତ୍ର (କୁଳସଚିବ, ସିୟୁଟିଏମ୍)ଙ୍କ ସହିତ ବୁଝାମଣାମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ଏସ୍ ପି ନନ୍ଦ, ଅଧକ୍ଷ, ପ୍ରଶାସନ, ଏମ.ଏସ ସ୍ୱାମୀନାଥନ କୃଷି ବିଦ୍ୟାଳୟ ସ୍ଥାୟୀ କୃଷି ଏବଂ କୃଷକ-କୈନ୍ଦ୍ରିକ ଗବେଷଣା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଅପରାହ୍ନ ଅଧିବେଶନରେ ବିଶେଷ କ୍ଷେତ୍ରଗୁଡ଼ିକ ମଧ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ଚାଷୀମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ପରୀକ୍ଷା, କୃଷି କ୍ଲିନିକ୍ ସହ ବହୁ-ସୁବିଧା କେନ୍ଦ୍ର ଏବଂ ପୁନଃସଂଚାର ଜଳକୃଷି ପ୍ରଣାଳୀର ଉଦଘାଟନ ଅନ୍ତର୍ଭୁକ୍ତ ଥିଲା।

ଅପରାହ୍ନ ଅଧିବେଶନରେ ଆକର୍ଷଣୀୟ ଜ୍ଞାନ ଆଦାନପ୍ରଦାନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା ଯେଉଁଥିରେ ଶ୍ୟାମଳା ସୁବର୍ଣ୍ଣ ଆଗ୍ରୋ ଗୋଷ୍ଠୀର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଡି. ସୁଭମଙ୍କ ବକ୍ତୃତା ଏବଂ ଗଜପତି ଜିଲ୍ଲାରେ କୁକୁଡ଼ା, ଦୁଗ୍ଧ, ମେଣ୍ଢା, ଛେଳି, ଘୁଷୁରୀ କ୍ଷେତ୍ର, ବିକଳ୍ପ ଫସଲ ଉତ୍ପାଦନ ରଣନୀତି ଏବଂ କୃଷି ଯନ୍ତ୍ରପାତିର ପରିସର ଏବଂ ସମ୍ଭାବନା ଉପରେ ଉତ୍ସାହଜନକ ଆଲୋଚନା ଏବଂ ଅଂଶଗ୍ରହଣକାରୀ ଚାଷୀମାନଙ୍କ ପାଇଁ ଏକ କୂଟପ୍ରଶ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

କୃଷି ମେଳା ବିଜ୍ଞାନ ଏବଂ କ୍ଷେତ୍ର ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଏହି କାର୍ଯ୍ୟକ୍ରମଟି ଏକ ସକ୍ରିୟ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା, ଯାହାର ବିଶେଷ ଧ୍ୟାନ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କୃଷକଙ୍କ ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉପରେ ଥିଲା। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଗ୍ରାମୀଣ ପରିବର୍ତ୍ତନ ଏବଂ ସ୍ଥାୟୀ କୃଷି ପ୍ରତି ପ୍ରତିବଦ୍ଧତା ଦିନସାରା ପ୍ରତିଫଳିତ ହୋଇଥିଲା, ଯାହା କୃଷି ମେଳାକୁ ସାମୁଦାୟିକ ସଂଯୋଗ ଏବଂ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କରିଥିଲା। ଏହି କାର୍ଯ୍ୟକ୍ରମ ୮ ଏପ୍ରିଲ ୨୦୨୫ ରେ ଏକ ବିଦାୟ ଅଧିବେଶନ ସହିତ ସମାପ୍ତ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଟ୍ ୧ ଲକ୍ଷ ୩୦୯୦...

ବେଳେ ଅନ୍ୟ ଚୁକ୍ତିନାମାଟି ପେଟ୍ରୋନେଟ୍ ଏଲ୍.ଏନ୍.ଜି ସହିତ କରାଯାଇଛି।

ପେଟ୍ରୋକେମିକାଲ କ୍ଷେତ୍ରରେ ଏହି ଚୁକ୍ତିନାମା ଗୁଡିକ ଓଡିଶାର ଶିଳ୍ପବିକାଶକୁ ତ୍ୱରାନ୍ୱିତ କରିବା ସହିତ ଏ କ୍ଷେତ୍ରରେ ଦେଶର ଆମଦାନୀକୁ ହ୍ରାସ କରିବ ଏବଂ ଏକ ସୁଦୃଢ ସପ୍ଲାଇ ଚେନ୍ ମଧ୍ୟ ପ୍ରତିଷ୍ଠା କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ଆଇଓସିଏଲ୍ ସହିତ ଚୁକ୍ତିନାମା ଓଡିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ ଓ ଶିଳ୍ପପତି ମାନଙ୍କ ସହିତ ଆଲୋଚନା ଦ୍ୱାରା ଶିଳ୍ପ ଜଗତରେ ଓଡିଶା ପ୍ରତି ଏକ ସକରାତ୍ମକ ମନୋଭାବ ସୃଷ୍ଟି ହୋଇଛି। ଓଡିଶାରେ ପୁଞ୍ଜିବିନିଯୋଗ କରିବା ପାଇଁ ଶିଳ୍ପପତି ମାନଙ୍କୁ ଆକୃଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମ ଭାରତରେ ଗୁଜୁରାଟର ଦାହେଜ ବନ୍ଦର ଯେପରି ପେଟ୍ରୋକେମିକାଲ କ୍ଷେତ୍ରରେ ଏକ ଅଗ୍ରଣୀ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇପାରିଛି, ପାରାଦୀପ ମଧ୍ୟ ପୂର୍ବ ଭାରତରେ ସେହିପରି ଭାବେ ବିକଶିତ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଶିଳ୍ପକ୍ଷେତ୍ର ସହିତ ଓଡିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆପଣମାନେ ଓଡିଶାରେ ନିବେଶ କରନ୍ତୁ। ନିବେଶ କରିବା ପାଇଁ ଏହି ସମୟ ହିଁ, ପ୍ରକୃତ ସମୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିଅମ୍ ଓ ନେଚୁରାଲ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ଓଡିଶାର ଶିଳ୍ପ, ସ୍କିଲ ଡେଭଲପ୍‌ମେଣ୍ଟ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ନିଜର ଅଭିଭାଷଣ ରଖି ଶିଳ୍ପକ୍ଷେତ୍ରରେ ବିକାଶ ପାଇଁ ଓଡିଶାର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ ।

## ନିଟ୍-ୟୁଜି ...

ସଦସ୍ୟ ବିଶେଷଜ୍ଞ କମିଟି ପ୍ରସ୍ତାବକୁ ଗ୍ରହଣ କରିବାକୁ ଚାହିଁଥିଲେ। ଗତବର୍ଷ ନିଟ୍-ୟୁଜି ୨୦୨୪କୁ ସ୍ଥଗିତ ରଖିବା ଲାଗି କୋର୍ଟ ମନା କରିଥିଲେ। ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ସତ୍ୟ ନୁହେଁ ବୋଲି ଦର୍ଶାଇଥିଲେ କୋର୍ଟ । ଗତ ୨୦୨୪ରେ ଏନଟିଏ ପକ୍ଷରୁ ନିଟ୍-ୟୁଜି ଅନୁଷ୍ଠିତ ହୋଇଥିଲା ଏବଂ ଏମବିବିଏସ, ବିଡିଏସ ଓ ଆୟୁଷ ବିଭାଗ ଲାଗି ୨୩ ଲକ୍ଷ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ।

## ଲାଗୁ ହେଲା...

କେନ୍ଦ୍ର ସରକାର ଦାବି କରିଛନ୍ତି ଯେ ଏହା ୱାକଫ ପ୍ରଶାସନରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବ। ଏହା ସହିତ ଯେଉଁ ଗରିବ ମୁସଲମାନମାନେ ସେମାନଙ୍କର ଅଧିକାରରୁ ବଞ୍ଚିତ ଥିଲେ, ସେମାନେ ଏବେ ସେମାନଙ୍କର ଅଧିକାର ପାଇବେ । ଏହା ଦେଶର ମୁସଲମାନମାନଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ମେ' ଦ୍ୱିତୀୟ...

କପି ରୋକିବା ପାଇଁ ଚାରିସ୍ତରୀୟ ସ୍କ୍ୱାଡ ଗଠନ ହୋଇଥିଲା । ଲାଇଭ ଷ୍ଟ୍ରିମିଂ ମାଧ୍ୟମରେ ରିଅଲ୍-ଟାଇମ କାର୍ଯ୍ୟାବଳୀ ତଦାରଖ କରିବା ପାଇଁ ବୋର୍ଡ ମୁଖ୍ୟାଳୟରେ ଏକ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯିବ। ବୋର୍ଡ ଅଧିକାରୀମାନେ ନିୟନ୍ତ୍ରଣ କକ୍ଷରୁ ପରୀକ୍ଷା କାର୍ଯ୍ୟ ତଦାରଖ କରିଥିଲେ।

## ଶକ୍ତିପୀଠକୁ ଉଡ଼ିବ...

ଯାଜପୁରର ବିରଜା, ଖୋର୍ଦ୍ଧା ଜିଲ୍ଲାର ଉଗ୍ରତାରା, ବାଣପୁରସ୍ଥିତ ଭଗବତୀ, ପୁରୀ ଜିଲ୍ଲା କାକଟପୁରସ୍ଥିତ ମଙ୍ଗଳା, ଚିଲିକାର କାଳିଜାଇ ପୀଠକୁ ସାମିଲ କରାଯାଇଛି । ଆଗାମୀ ୨ ବର୍ଷ ଭିତରେ ଶକ୍ତିପୀଠ କରିଡର କରିବାକୁ ଲକ୍ଷ୍ୟ ରଖାଯାଇଛି । ଭକ୍ତଙ୍କ ସୁବିଧା ପାଇଁ ହେଲିକପ୍ଟର ବ୍ୟବସ୍ଥା ନେଇ ଯୋଜନା କରାଯାଇଛି । ରାଜ୍ୟରେ ଥିବା ସମସ୍ତ ଶକ୍ତିପୀଠକୁ ଏଥିରେ ଯୋଡାଯିବ। ଖୁବଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କରାଯିବ ଘୋଷଣା।

ସୂଚନାଯୋଗ୍ୟ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଶକ୍ତିପୀଠ ପରିଦର୍ଶନ କରିଛନ୍ତି । ଏହି ଅବସରରେ ମା' ତାରାତାରିଣୀଙ୍କ ପୀଠ ଏବଂ ଆଖପାଖ ଅଞ୍ଚଳର ଉନ୍ନତିକରଣ ନେଇ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପଗୁଡିକର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଏବଂ ଆସ୍କା ବିଧାୟକ ସରୋଜ ପାଢ଼ୀ ଉପସ୍ଥିତ ଥିଲେ।

## ନବୀନଙ୍କୁ ...

ସଂଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, କଲିକେଶ ସିଂହଦେଓ ଓ ବବି ଦାସ ପ୍ରମୁଖ ବିଜେଡି ସଭାପତିଙ୍କ ସହ ଆଲୋଚନା କରିଥିଲେ।

ତେବେ ନବୀନ ନିବାସରୁ ବାହାରିବା ପରେ ଆଲୋଚନା ପ୍ରସଙ୍ଗରେ କୌଣସି ବରିଷ୍ଠ ନେତା ମୁହଁ ଖୋଲିନାହାନ୍ତି। କେବଳ ସାଂଗଠନିକ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିବା ସେମାନେ କହିଥିଲେ।

## ଲଘୁଚାପ ପ୍ରଭାବରେ ...

କରାଯାଇଛି।

ପାଣିପାଗ ବିଭାଗ ପକ୍ଷରୁ ବୁଧବାର ପାଇଁ ୧୩ ଜିଲ୍ଲାକୁ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏଥିରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲା ରହିଛି । ଏହିସବୁ ଜିଲ୍ଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ୧୦ ତାରିଖ ପାଇଁ ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ।

## ସୀମାରେ ରହିବ...

ବିଏସଏଫ କର୍ମଚାରୀଙ୍କୁ ସମ୍ବୋଧିତ କରି ଶାହା କହିଛନ୍ତି ଯେ ଡ୍ରୋନ-ବିରୋଧୀ ପ୍ରଯୁକ୍ତିବିଦ୍ୟା ସମେତ ୨୬ରୁ ଅଧିକ ପ୍ରଯୁକ୍ତିବିଦ୍ୟା ପଦକ୍ଷେପ ବର୍ତ୍ତମାନ ପରୀକ୍ଷଣ କରାଯାଉଛି। ଏତିକିବେଳେ ଅମିତ ଶାହା ସୀମା ସୁରକ୍ଷା ବାହିନୀର ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଚ୍ୟାଲେଞ୍ଜିଂ ପରିସ୍ଥିତିରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବା ପାଇଁ ଯବାନମାନଙ୍କୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ କେନ୍ଦ୍ର ସରକାର ସୁରକ୍ଷା ବାହିନୀ ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଏହି ଅବସରରେ ଜମ୍ମୁ ଏବଂ କଶ୍ମୀରର ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ଏବଂ ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଓକାକକୁ ମିଳିଲା ଦୁଇଟି ସମ୍ମାନଜନକ ପୁରସ୍କାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବୈଷୟିକ ଶାଖା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ) କୁ ୟୁନିକ୍ ଆଇଡେଂଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଆଧାର ସମ୍ବାଦ ୨୦୨୫ କାର୍ଯ୍ୟକ୍ରମରେ ଦୁଇଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ରେଜିଷ୍ଟ୍ରାର ଭାବେ ଆଧାର ପଞ୍ଜୀକରଣରେ ବିଶେଷ ଉପଲବ୍ଧି ହାସଲ କରିଥିବାରୁ ଓକାକକୁ ପ୍ରଥମ ପୁରସ୍କାରଟି ପ୍ରଦାନ କରାଯାଇଥିଲା। ସମଗ୍ର ଓଡ଼ିଶାରେ ୟୁଆଇଡିଏଆଇ ସ୍ଥିରୀକୃତ ମାନଦଣ୍ଡ ଅନୁଯାୟୀ ତ୍ରୁଟିମୁକ୍ତ ଏବଂ ନାଗରିକ ଅନୁକୂଳ ପଞ୍ଜୀକରଣ ସେବା ଓ ସୁବିଧା ସୁନିଶ୍ଚିତ କରି ଓକାକ ଏହି ସ୍ୱୀକୃତି ପାଇପାରିଛି ।ଦ୍ୱିତୀୟ ପୁରସ୍କାର ରାଜ୍ୟ ପ୍ରମାଣୀକରଣ ଉପଭୋକ୍ତା ଏଜେନ୍ସି (ଏୟୁଏ) ଭାବରେ ଓକାକର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି । ଓକାକ ପ୍ରକୃତ ସମୟ ଆଧାର ପ୍ରମାଣୀକରଣ ପାଇଁ ଏକ ସୁରକ୍ଷିତ, ଦକ୍ଷ ଏବଂ ବିଶ୍ୱସନୀୟ ପ୍ଲାଟଫର୍ମର ସୁବିଧା ପ୍ରଦାନ କରିଆସିଛି। ବିଭିନ୍ନ ସରକାରୀ ସେବାଗୁଡିକର ନିରବଚ୍ଛିନ୍ନ ବିତରଣକୁ ଓକାକ ସକ୍ଷମ କରିଆସିଛି । ଉଲ୍ଲେଖଯୋଗ୍ୟ ଯେ, ସମୟର ଆବଶ୍ୟକତା ଅନୁଯାୟୀ ବୈଷୟିକ ଉଦ୍ଭାବନ, ସର୍ବୋତ୍ତମ ପ୍ରୟାସ ଏବଂ ୟୁଆଇଡିଏଆଇ ସହ ନିରନ୍ତର ସହଯୋଗ ମାଧ୍ୟମରେ ଓଡ଼ିଶାରେ ଆଧାର ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଓକାକ ସହ ସମ୍ପୃକ୍ତ ସମସ୍ତଙ୍କର ନିରନ୍ତର ଓ ଉତ୍ସର୍ଗୀକୃତ ପ୍ରୟାସକୁ ଏହି ସମ୍ମାନଗୁଡିକ ପ୍ରତିଫଳିତ କରୁଛି । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ୟୁଆଇଡିଏଆଇର ସିଇଓ ଏବଂ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଓକାକ ତରଫରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଦୀପ ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ।

# ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଶପଥ ଗ୍ରହଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କର୍ମଚାରୀ ସଂଘର ଗୁପ୍ତ ଭୋଟ ପ୍ରଦାନ ମାଧ୍ୟମରେ ନିର୍ବାଚନ ହୋଇ ନୂତନ କର୍ମକର୍ତ୍ତା ମଣ୍ଡଳୀ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନରେ ସଭାପତି ଅଶୋକ କୁମାର ମହାନ୍ତି, ଉପସଭାପତି ସ୍ୱାଧୀନ କୁମାର ଶିଶୁଗୋସ୍ୱାମୀ, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ପାତ୍ର, ଯୁଗ୍ମ ସମ୍ପାଦିକା କ୍ଷେତ୍ରମଣି ସେଠୀ ଓ କୋଷାଧକ୍ଷ ଇନ୍ଦ୍ରମଣି ପାଣି ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସର୍ବଶ୍ରୀ ଶ୍ରୀନିବାସ ମିଶ୍ର, କବି ପ୍ରସାଦ ସାମନ୍ତରାୟ, ରତ୍ନାକର ଭଞ୍ଜ, ପ୍ରତାପ କୁମାର ପ୍ରଧାନ, ବିଚିତ୍ର କୁମାର ଜେନା, ସର୍ବେଶ୍ୱର ସାହୁ ଏବଂ ନିଶାମଣି ମିଶ୍ର ନିର୍ବାଚିତ ହୋଇଛନ୍ତି । ନିର୍ବାଚିତ ସଦସ୍ୟମାନଙ୍କୁ ଆୟୋଜିତ ଏକ ଉତ୍ସବରେ ସଂଘର ମୁଖ୍ୟ ନିର୍ବାଚନ ଅଧିକାରୀ ଦୟାନିଧି ଫାଡୁକର ଶପଥ ପାଠ କରାଇଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ, ମୁଖ୍ୟବକ୍ତା ଭାବେ ସଂସ୍ଥାର ସଚିବ ରଶ୍ମିତାରାଣୀ ତରାସିଆ, ସମ୍ମାନିତ ଅତିଥି ଭାବେ ମୁଖ୍ୟଯନ୍ତ୍ରୀ ପ୍ରଭାତ କୁମାର ମାହାଲି ଯୋଗଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କର୍ମଚାରୀଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସଂଘ ପାଇଁ ସର୍ବଦା ଉନ୍ମୁକ୍ତ ରହିବ । ଆଗାମୀ ଦିନରେ ଗୃହ ନିର୍ମାଣ ସଂସ୍ଥାର କାର୍ଯ୍ୟକୁ ସାରା ରାଜ୍ୟରେ ବ୍ୟାପକ ଭାବେ ପ୍ରସାରିତ କରାଯିବ । ସେଥିପାଇଁ ସମସ୍ତ କର୍ମଚାରୀ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱସମ୍ପନ୍ନ ହୋଇ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ । ଶେଷରେ ରତ୍ନାକର ଟୁଡୁ ସଂଘ ତରଫରୁ ଉପସ୍ଥିତ ସମସ୍ତ ଅତିଥି, ପଦାଧିକାରୀ ଓ କର୍ମଚାରୀ ଭାଇଭଉଣୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯତ୍ନ ଓ ନିଷ୍ଠାର ସହ ମାନବ ଜାତିର ସେବା କରିବାର ଗଭୀର ପ୍ରତିବଦ୍ଧତା : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନର୍ସିଂ କେବଳ ଏକ ଆଦର୍ଶ ବୃତି ନୁହେଁ, ବରଂ ଦୟା, ଯତ୍ନ ଓ ନିଷ୍ଠାର ସହ ମାନବ ଜାତିର ସେବା କରିବାର ଗଭୀର ପ୍ରତିବଦ୍ଧତା ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ସୋମବାର ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ରିର୍ସଚ ସେଂଟର ଅଡିଟୋରିୟମଠାରେ କଳିଙ୍ଗ ନର୍ସିଂ କଲେଜର ଦୀପ ପ୍ରଜ୍ୱଳନ ଓ ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଉତ୍ସବରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ ଦୀପ ପ୍ରଜ୍ୱଳନ ସମାରୋହ ଗଭୀର ପ୍ରତୀକାତ୍ମକ ଏବଂ ଏହା ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କୁ ସ୍ମରଣ କରିବାର ଅବସର ଆଣେ ଓ ଏହା ପୀଢ଼ି ପୀଢ଼ିକୁ ପ୍ରେରଣ ଦେଇ ଆସୁଛି। ଦୀପ ପ୍ରଜ୍ୱଳନ ଜ୍ଞାନର ପ୍ରସାରଣ, ଜୀବନବ୍ୟାପୀ ଶିକ୍ଷାର ଆରମ୍ଭ ଏବଂ ରୋଗୀ ଯତ୍ନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ ଗମ୍ଭୀର ପ୍ରତିଜ୍ଞାର ପ୍ରତୀକ। ନର୍ସିଂ ଏକ ବୃତି ନୁହେଁ, ଏହା ଏକ ଆହ୍ୱାନ। ଏହା କେବଳ ବିଜ୍ଞାନ ଭିତିକ ଜ୍ଞାନ ଏବଂ କ୍ଲିନିକାଲ୍ ଦକ୍ଷତା ନୁହେଁ, ଏହା ମାନବିକ ସ୍ପର୍ଶ-ସହାନୁଭୂତି, ଧୈର୍ଯ୍ୟର ବୃତି। ନର୍ସିଂ ବୃତିଧାରୀମାନେ ସାଧାରଣତଃ ପ୍ରଥମେ ରୋଗୀଙ୍କ ପାଖରେ ପହଂଚନ୍ତି ଏବଂ ଚିକିତ୍ସା ଶେଷ ପର୍ଯ୍ୟନ୍ତ ରୁହନ୍ତି । ସେମାନେ ଦୁଃଖରେ ସାନ୍ତ୍ୱନା ଏବଂ ହତାଶରେ ଆଶା ଆଣନ୍ତି ବୋଲି ରାଜ୍ୟପାଳ କହିଥିଲେ। ଏପରି ଉତ୍ସର୍ଗୀକୃତ ନର୍ସିଂ ବୃତିଧାରୀମାନଙ୍କୁ ଗଢ଼ିବା, ନୈତିକ ମୂଲ୍ୟବୋଧ ପ୍ରଦାନ କରିବା କ୍ଷେତ୍ରରେ କଳିଙ୍ଗ ହସ୍ପିଟାଲ ଓ କଳିଙ୍ଗ ନର୍ସିଂ କଲେଜର ପ୍ରଚେଷ୍ଟାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ ପୁଣି କହିଥିଲେ ଯେ ନର୍ସିଂ ଛାତ୍ରଛାତ୍ରୀମାନେ ପରିଧାନ କରିଥିବା ଧଳା ପୋଷାକ ପବିତ୍ରତା, ବିଶ୍ୱାସ ଓ ପ୍ରତିବଦ୍ଧତାର ପ୍ରତୀକ। ଏଣୁ ସେମାନଙ୍କର ସେବା କରୁଣା ଓ ଉତ୍କର୍ଷତା ଦ୍ୱାରା ପ୍ରତିପାଦିତ ହେଉ ବୋଲି ରାଜ୍ୟପାଳ କହିଥିଲେ। ସ୍ୱାସ୍ଥ୍ୟ ସେବାର ଭବିଷ୍ୟତ ଉତ୍ସର୍ଗୀକୃତ ନର୍ସଙ୍କ ଉପରେ ଅଧିକରୁ ଅଧିକ ନିର୍ଭର କରିବ, ଯେଉଁମାନେ ବୃତିକୁ ସହାନୁଭୂତିର ସହ ଆପଣେଇ ନିଷ୍ଠାର ସହ କାର୍ଯ୍ୟକରିବେ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭରେ କଳିଙ୍ଗ ହସ୍ପିଟାଲର ଟ୍ରଷ୍ଟି ଏସ୍.ସି.ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାରତୀୟ ବିଦ୍ୟା ଭବନର ଚେୟାରମ୍ୟାନ (ଭୁବନେଶ୍ୱର) ଜୟନ୍ତ କୁମାର ମହାନ୍ତି, ରିଜିଓନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନର ଅଧକ୍ଷ ଡ଼ ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଓବିଜିର ଏଚ୍.ଓ.ଡି. ଡା. ସୁଜାତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.01-KUR-TRD-OT-2025-26

କାର୍ଯ୍ୟର ନାମ: ଭଦ୍ରକ-ପଲାସା (ଭଦ୍ରକ-ଦୁବାଡ଼ା) ସେକ୍ସନରେ LTE (ଦୀର୍ଘକାଳୀନ ବିବର୍ତ୍ତନ) ଭିତ୍ତିକ ମୋବାଇଲ ଟ୍ରେନ୍ ରେଡିଓ ଉପକରଣର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ଅଗ୍‌ଜିଲିଆରୀ ଟ୍ରାନ୍ସଫର୍ମର (ATs) ଗୁଡ଼ିକର ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,52,04,868.94, EMD (ଟଙ୍କାରେ) : 2,26,000/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.04.2025 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.04.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-15/Q/25-26

**ODISHA HYDRO POWER CORPORATION LIMITED** CAD-58

BALIMELA HYDRO ELECTRIC PROJECT:, POST: BALIMELA: DIST: MALKANGIRI (ODISHA); PIN: 764051
Phones: 06861-232581 (O)/232641 (R) : FAX:06861-232541., E-Mail : unit.head balimela@yahoo.com
**REGD. OFFICE:ODISHA HYDRO POWER CORPORATION LIMITED**
(A Govt, of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING. VANIVIHAR CHOUK.JANAPATH, BHIUBANESWAR- 751022
Tel- 91-0674-212983. 2542802. 2545526, Fax: 2542102. GRAM HYDROPOWER, E-MAIL: oh pc.co@gmail.com / md@ohpcltd.com, Web www.ohpcltd.com.
CIN: U40101OR1995SGC003963, GSTIN-21AAACO2575P1Z9

**TENDER CALL NOTICE NO:-BHEP/01 /2025-26 Dtd. 02.04.205**

Sealed Tenders are invited in two part bid basis i.e. (i) Technical bid & (ii) Price bid in separate sealed envelopes from the reputed & experienced Firms having similar or experience in Hydro Turbine Generators works

| Sl. No. | Description of Services | Cost of tender paper (Non-refundable) in Rs. |
| --- | --- | --- |
| 1 | Correction & Alignment of combined shaft of Unit-1. | 7080/- |

The Sale of Tender Paper will be from : 05.04.2025 to 11.00 Hrs of 15 .04.2025
The last date & time of receipt of tenders : Up 12.00 Hrs of 15.04.2025
Date and time of opening of the tenders : At 12.30 Hrs. of 15.04.2025.
For details of the tender documents, terms and conditions please visit our website www.ohpcltd.com

OIPR-04019/11/0072/2425 Sd/- C & P Head, BHEP, Balimela

ଭୁବନେଶ୍ୱର
୦୯ ଅପ୍ରେଲ,
ବୁଧବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27





ନୂଆଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶା ଇନ୍‌ଭେଷ୍ଟରସ ମିଟ୍ : ଆଇଓସିଏଲ୍ ସହ ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଓ ବରିଷ୍ଠ ଅଧିକାରୀ ଗଣ। (ଫଟୋ : ସମ୍ବାଦ କଳିକା)

## ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



**କାକଟପୁର, ୮/୪ ନ୍ୟୁଜ ବ୍ୟୁରୋ**

ଚୈତ୍ର ମାସର ଶେଷ ମଙ୍ଗଳବାର । ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଇଛନ୍ତି କାକଟପୁରବାସିନୀ ମା' ମଙ୍ଗଳା । ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଲମ୍ବା ଲାଇନରେ ଆସି ମା'ଙ୍କ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ । ମଧ୍ୟାହ୍ନରେ ପାଟୁଆ ନୃତ୍ୟ ସହ ମଧ୍ୟରାତିରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଛି । ସେଥିପାଇଁ ମାଆଙ୍କ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ।

## ମୁଦ୍ରା ଯୋଜନାକୁ ୧୦ ବର୍ଷ : ହିତାଧିକାରୀଙ୍କ ସହ ଆଲୋଚନା କଲେ ମୋଦି



**ନୂଆଦିଲ୍ଲୀ, ୦୮/୦୪**

ମୁଦ୍ରା ଯୋଜନାକୁ ପୂରିଲା ୧୦ ବର୍ଷ। ନିଜ ବାସଭବନରେ ହିତାଧିକାରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଜଣେ ସାଧାରଣରୁ କିପରି ଉଦ୍ୟୋଗୀ ହେଲେ ସେନେଇ ପିଏମ୍‌ଙ୍କୁ ନିଜ ନିଜର ସିକ୍ରେଟ୍ କହିଲେ ଲାଭାର୍ଥୀ। ସେପଟେ ମୋଦି କହିଲେ ମୁଦ୍ରା ଯୋଜନାରେ ଦିଆଯାଇଛି ୩୩ ଲକ୍ଷ କୋଟିର ଗ୍ୟାରେଣ୍ଟି ମୁକ୍ତ ଋଣ। ୫୨ କୋଟି ଋଣ ଗ୍ରହୀତାଙ୍କ ମଧ୍ୟରୁ ଅଧିକାଂଶ ମହିଳା। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ଯେ, ଋଣ ଫେରସ୍ତ କରିବାରେ ମଧ୍ୟ ଆଗୁଆ ମହିଳା। କେନ୍ଦ୍ର ସରକାରଙ୍କ ମୁଦ୍ରା ଯୋଜନାକୁ ୧୦ ବର୍ଷ ପୂରଣ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକକଲ୍ୟାଣ ମାର୍ଗ ସ୍ଥିତ ନିଜ ବାସଭବନରେ ମୁଦ୍ରା ଯୋଜନାର ଲାଭାର୍ଥୀଙ୍କ ସହ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଆମ ଶାସ୍ତ୍ରରେ କୁହାଯାଇଛି ଅତିଥି ଦେବୋ ଭବ। ମୋ ବାସଭବନକୁ ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଏହି ଯୋଜନା ମାଧ୍ୟମରେ ଜଣେ ସାଧାରଣ ଲୋକ ନିଜ ଗୋଡ଼ରେ ଠିଆ ହେବାକୁ ସୁଯୋଗ ପାଇଛି। ବିନା ଗ୍ୟାରେଣ୍ଟିରେ ୩୩ ଲକ୍ଷ କୋଟି ଋଣ ଦିଆହୋଇଛି। ଏହି ଯୋଜନା ମାଧ୍ୟମରେ ଅଧିକାଂଶ ମହିଳା ଲାଭବାନ୍ ହୋଇଛନ୍ତି। ସେମାନେ ଆତ୍ମନିର୍ଭର ହେବା ସହ ନିଜର ବ୍ୟବସାୟ ଠିଆ କରିଛନ୍ତି। ମୁଦ୍ରା ଯୋଜନା ଦେଶର ଯୁବକଙ୍କୁ ସାହାସ ଦେଇଛି। ବହୁ ଲୋକ ନିଜେ ଆତ୍ମନିର୍ଭର ହେବା ସହ ୪୦ରୁ ୫୦ ଜଣଙ୍କୁ ଚାକିରି ଦେବାରେ ସମର୍ଥ ହୋଇଛନ୍ତି। ବିପୁଳ ମାତ୍ରାରେ ରୋଜଗାର ସୃଷ୍ଟି ହୋଇଛି। ବହୁ ଲୋକଙ୍କ ସ୍ୱପ୍ନ ବାସ୍ତବରେ ପରିଣତ ହୋଇଛି। ଏଥିରୁ ଜଣାପଡ଼ିଛି ଯେ, ଭାରତୀୟଙ୍କ ପାଇଁ କିଛି ବି ଅସମ୍ଭବ ନୁହେଁ। ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି ଯେ, ମୁଦ୍ରା ଯୋଜନାରେ ଅଧିକାଂଶ ଅନୁସୂଚିତ ଜାତି ଏବଂ ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗର ଲୋକମାନେ ଲାଭ ଉଠାଇଛନ୍ତି। ଆଗାମୀ ଦିନରେ ଆମ ସରକାର ଏକ ମଜବୁତ ତନ୍ତ୍ର ଉପରେ ଧ୍ୟାନ କେନ୍ଦ୍ରିତ ଜାରି ରଖିବ। ଯେଉଁଠି ପ୍ରତ୍ୟେକ ମହତ୍ୱାକାଂକ୍ଷୀ ଉଦ୍ୟମୀ ଋଣ ପର୍ଯ୍ୟନ୍ତ ପହଞ୍ଚି ପାରିବେ। ଏହାଦ୍ୱାରା ସେମାନଙ୍କୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ସୁଯୋଗ ମିଳିବ।

### ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲା

## ରାଜ୍ୟ ସରକାରଙ୍କୁ ନୋଟିସ୍ : ସ୍ନାନ ପୂର୍ଣ୍ଣିମା ପୂର୍ବରୁ ସଂପୂର୍ଣ୍ଣ ହେବ ମରାମତି

**କଟକ, ୮/୪ ନ୍ୟୁଜ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ଶ୍ରୀଜୀଉଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ଗଣତି ମଣତିର ଷ୍ଟାଟସ୍ ରିପୋର୍ଟ ତଲବ ପାଇଁ ଦାୟର ଅନ୍ତରୀଣ ଆବେଦନ ଉପରେ ପକ୍ଷ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ରତ୍ନଭଣ୍ଡାର ଖୋଲା ଯିବାକୁ ଇତିମଧ୍ୟରେ ୮/୯ ମାସ ବିତି ଗଲାଣି। ତେଣୁ ଗଣତି ମଣତି ପ୍ରସଂଗରେ ସରକାର ସ୍ଥିତି ସ୍ପଷ୍ଟ କରିବା ଉଚିତ। ଏ ପ୍ରସଙ୍ଗରେ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ରତ୍ନଭଣ୍ଡାର ମରାମତି ପାଇଁ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ଶ୍ରୀମନ୍ଦିର ପରିସରରେ ଥିବା ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ହାଇକୋର୍ଟ ୭୦ ଦଶକରେ ପ୍ରସ୍ତୁତ ତାଲିକା ସହିତ ସାନି ମଣତି ଗଣତି ବେଳେ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ତୁଳନା କରାଯିବା ଉପରେ ଗୁରୁତ୍ୱାରୋପ କରିବା ସହିତ ରତ୍ନଭଣ୍ଡାର ମରାମତି ପାଇଁ ଆଉ କେତେ ଦିନ ଲାଗିବ ବୋଲି ପ୍ରଶ୍ନ କରିଥିଲେ। ସ୍ନାନପୂର୍ଣ୍ଣିମା ପୂର୍ବରୁ ମରାମତି କାର୍ଯ୍ୟ ସଂପୂର୍ଣ୍ଣ ଶେଷ ହେବାର ସମ୍ଭାବନା ରହିଛି ବୋଲି ଏଏସ୍‌ଆଇ ତରଫରୁ ଦର୍ଶାଯାଇଥିଲା। ଅନ୍ୟପଟେ ରତ୍ନଭଣ୍ଡାର ଚାବି ହଜିବା ଘଟଣାର



ତଦନ୍ତ କରି ଜଷ୍ଟିସ୍ ରଘୁବୀର ଦାଶ କମିଶନ୍ ଦାଖଲ କରିଥିବା ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପନ କରିବେ ବୋଲି ସରକାର ପୂର୍ବରୁ ସତ୍ୟପାଠ ଦାଖଲ କରି କହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଏଥି ପାଇଁ କେତେ ସମୟ ସରକାରଙ୍କ ଆବଶ୍ୟକ ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ। ଏହି ପ୍ରସଂଗରେ ପକ୍ଷ ରଖିବାକୁ ୨ ମାସ ସମୟ ପ୍ରଦାନ କରାଯାଉ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜନସ୍ୱାର୍ଥ ମାମଲାର ଆବେଦନକାରୀ ଦିଲ୍ଲୀପ କୁମାର ବରାଳଙ୍କ ତରଫରୁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇ ଶ୍ରୀଜୀଉଙ୍କ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ମଣତି ପ୍ରସଂଗରେ ଏବେ କ'ଣ ସ୍ଥିତି ରହିଛି ସେ ନେଇ ଷ୍ଟାଟସ ରିପୋର୍ଟ ତଲବ କରାଯାଉ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

## ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ କଳା କାରନାମା: କଏଦୀଙ୍କୁ ଗ୍ୟାଙ୍ଗଷ୍ଟରଙ୍କ ନାଁରେ ଧମକ

**ଭୁବନେଶ୍ୱର, ୮/୪ ନ୍ୟୁଜ ବ୍ୟୁରୋ**

ଝାରପଡ଼ା ସ୍ୱତନ୍ତ୍ର କାରଗାରର କଳା କାରନାମା ପୁଣି ଥରେ ଚର୍ଚ୍ଚାକୁ ଆସିଛି। କଏଦୀଙ୍କୁ ଗ୍ୟାଙ୍ଗଷ୍ଟରଙ୍କ ନାଁରେ ଜେଲ୍ କର୍ତ୍ତୃପକ୍ଷ ଧମକ ଦେଉଥିବା ଅଡିଓ ଭାଇରାଲ୍ ହୋଇଥିବା ବେଳେ ଅର୍ଥନୈତିକ ଅପରାଧରେ ସମ୍ପୃକ୍ତ ହୋଇ ଜେଲ୍ ଆସିଥିବା କଏଦୀଙ୍କଠାରୁ ଟଙ୍କାନେଇ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ଜେଲ୍‌ର ଜଣେ କଏଦୀ ଭିଜିଲାନ୍ସ ଡିଜିଙ୍କୁ ଚିଠିଲେଖି ଏପରି ଅଭିଯୋଗ କରିବା ସହ ତାଙ୍କୁ ସୁରକ୍ଷା ଦେବାକୁ ଅନୁରୋଧ କରିଛନ୍ତି। ୨୦୨୨ ମସିହା ମେ' ୨୮ରୁ ବିଚାରାଧୀନ କଏଦୀ ଭାବେ ଝାରପଡ଼ା ଜେଲ୍‌ରେ ଥିବା ରଶ୍ମିରଞ୍ଜନ ଭୋଳ ଜେଲ୍ ଡିଜିଙ୍କୁ ଚିଠି ଲେଖି ଅଭିଯୋଗ କରିଛନ୍ତି ଯେ ଜେଲ ଅଧୀକ୍ଷକ, ସହକାରୀ ଜେଲର ଓ କେତେକ ଓ୍ୱାର୍ଡର ଜେଲ୍ ଭିତରେ ସ୍ୱେଚ୍ଛାଚାର ଚଳାଇଛନ୍ତି। ଧନୀ କଏଦୀମାନଙ୍କୁ ସ୍ୱତନ୍ତ୍ର




ସୁବିଧା ଦେଉଛନ୍ତି। ବିଶେଷ କରି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଆସିଥିବା କଏଦୀ ଓ ଅନ୍ୟ ଅର୍ଥନୈତିକ ଅପରାଧରେ ଗିରଫ ହୋଇ ଝାରପଡ଼ା ଜେଲ୍‌କୁ ଆସୁଥିବା କଏଦୀମାନଙ୍କୁ ଟାର୍ଗେଟ୍ କରି ଟଙ୍କା ଆଦାୟ କରାଯାଉଛି ଓ ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା, ସ୍ୱତନ୍ତ୍ର ଖାଦ୍ୟ ଯୋଗାଇ ଦିଆଯାଉଛି। ଏଥିପାଇଁ ଫୋନ୍‌ପେ ମାଧ୍ୟମରେ ଟଙ୍କା ନେଣଦେଣ ହେଉଥିବା ରଶ୍ମିରଞ୍ଜନ ଡିଜିଙ୍କୁ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ଜେଲ୍ ଭିତରେ ଆଇପିଏଲ୍ ପାଇଁ ବେଟିଂ ଚାଲିଥିବା ରଶ୍ମିରଞ୍ଜନ ମଧ୍ୟ ଅଭିଯୋଗ କରିଛନ୍ତି। ସେହିପରି ଜେଲ୍‌ରୁ ଭାଇରାଲ୍ ହୋଇଥିବା ଅଡିଓରେ ରଶ୍ମିରଞ୍ଜନ ନିଜର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିଛନ୍ତି। ୨୦୨୪ ସେପ୍ଟେମ୍ବରରେ ରଶ୍ମିରଞ୍ଜନ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନିକଟରେ ଜେଲ୍‌ରେ ଚାଲିଥିବା ବେଆଇନ୍ କାରବାରର ଗୁମର ଖୋଲିଥିଲେ। ସେଥିପାଇଁ ତାଙ୍କୁ ଓ ତାଙ୍କ ସାଙ୍ଗକୁ ଜେଲ୍ ଭିତରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏବେ ତାଙ୍କୁ ଜେଲ୍ କର୍ତ୍ତୃପକ୍ଷ ଅନ୍ୟ ଜେଲ୍‌କୁ ସ୍ଥାନାନ୍ତର କରି ଗ୍ୟାଙ୍ଗଷ୍ଟରଙ୍କ ଦ୍ୱାରା ହତ୍ୟା ଧମକ ଦେଇଥିବା ରଶ୍ମିରଞ୍ଜନ ଅଡିଓ ଭାଇରାଲ୍ କରିଛନ୍ତି। ଏଭିଳି ଚିଠି ଓ ଅଡିଓ ଭାଇରାଲ୍ ହେବା ପରେ ଜେଲ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଛନକା ପଶିଛି। ଏସମ୍ପର୍କରେ ଝାରପଡ଼ା ଜେଲ୍ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରୀ କହିଛନ୍ତି, ଅଭିଯୋଗ ସମ୍ପର୍କରେ ଜାଣିବା ପରେ ଆମେ ଏହାର ତଦନ୍ତ କରିବୁ। ତେବେ ଜେଲ୍ ଭିତରୁ ଅଡିଓ କିପରି ଭାଇରାଲ୍ ହେଲା, ସେନେଇ ମଧ୍ୟ ତଦନ୍ତ କରାଯିବ। ଅପରପକ୍ଷେ ଜେଲ୍ ଡିଜି ଅରୁଣ ରାୟ କହିଛନ୍ତି ଯେ ଝାରପଡ଼ା ଜେଲ୍ ବିରୋଧରେ ଯେଉଁ ସବୁ ଅଭିଯୋଗ ଆସିଛି, ସେ ସମସ୍ତ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନିର୍ବାଚନ କାଳରେ ଭିଭିପାଟ୍ ଚିଠାର ୧୦୦% ହାତ ଗଣନା ଆବେଦନ ସୁପ୍ରିମକୋର୍ଟରେ ଖାରଜ



**ନୂଆଦିଲ୍ଲୀ ୮।୪**

ନିର୍ବାଚନ କାଳରେ ଇଲେକ୍ଟ୍ରୋନିକ ଗଣନା ବ୍ୟତୀତ ଭିଭିପିଏଟି ଚିଠାର ଶହେ ପ୍ରତିଶତ ହାତ ଗଣନା ନିମନ୍ତେ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନ ସୁପ୍ରିମକୋର୍ଟରେ ଖାରଜ ହୋଇଯାଇଛି। ସୁପ୍ରିମକୋର୍ଟଙ୍କ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜିବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଓ ଜଷ୍ଟିସ୍ କେ.ଭି ବିଶ୍ୱନାଥନଙ୍କ ପୀଠ ଏହି ପ୍ରସଙ୍ଗରେ ଦିଲ୍ଲୀ ହାଇକୋର୍ଟଙ୍କ ୧୨ ଅଗଷ୍ଟ ୨୦୨୪ ରାୟ ବିରୋଧରେ ହଂସରାଜ ଜୈନଙ୍କ ଆବେଦନ ଉପରେ ବିଚାର କରୁଥିଲେ। ସିଜେଆଇ ଆବେଦନକାରୀଙ୍କ ପିଟିସନକୁ ଖାରଜ କରି କହିଛନ୍ତି ଯେ 'ଦିଲ୍ଲୀ ଉଚ୍ଚନ୍ୟାୟାଳୟଙ୍କ ବିବାଦୀୟ ରାୟରେ ହସ୍ତକ୍ଷେପ କରିବା ପାଇଁ କୌଣସି ଆଧାର ମିଳିଲା ନାହିଁ। ଏଣୁ ବିଶେଷ ଅନୁମତି ପିଟିସନକୁ ଖାରଜ କରାଯାଉଛି'। ସିଜେଆଇ କହିଛନ୍ତି ଯେ ତାଙ୍କ ନେତୃତ୍ୱାଧୀନ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ ପୂର୍ବରୁ ମଧ୍ୟ ଏହି ଭଳି ପ୍ରସଙ୍ଗରେ ରାୟ ଦେଇଛନ୍ତି। ଏଣୁ ଏହା ଉପରେ ବାରମ୍ବାର ତର୍କ କରାଯାଇ ପାରିବ ନାହିଁ। ଇଲେକ୍ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ତଥ୍ୟର ଭିଭିପିଏଟି ରେକର୍ଡ ସହିତ ୧୦୦ ପ୍ରତିଶତ ସତ୍ୟାପନ ଦାବି କରୁଥିବା ଆବେଦନକୁ ଖାରଜ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଇଭିଏମ ସୁରକ୍ଷିତ, ସରଳ, ସଂରକ୍ଷିତ ଓ ଉପଯୋଗକର୍ତ୍ତା ଅନୁକୂଳ। ଦିଲ୍ଲୀ ଉଚ୍ଚନ୍ୟାୟାଳୟ ଗତବର୍ଷ ଅଗଷ୍ଟ ୧୨ ତାରିଖରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିର ଉଦାହରଣ ଦେଇ ଜୈନଙ୍କ ପିଟିସନକୁ ଖାରଜ କରିଦେଇଥିଲେ। ଏହା ପରେ କୋର୍ଟ ତାଙ୍କ ନିଷ୍ପତ୍ତିର ରିଭ୍ୟୁ ନିମନ୍ତେ କରାଯାଇଥିବା ଆବେଦନକୁ ମଧ୍ୟ ଅଗ୍ରାହ୍ୟ କରିଦେଇଥିଲେ। ମାମଲାର ଶୁଣାଣିରେ ନିର୍ବାଚନ ଆୟୋଗ ହାଇକୋର୍ଟଙ୍କୁ ଜଣାଇଥିଲେ ଯେ ଏହି ପ୍ରସଙ୍ଗ ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ (ଏଡିଆର) ବନାମ ଭାରତୀୟ ନିର୍ବାଚନ ଆୟୋଗ ମାମଲାରେ ସର୍ବୋଚ୍ଚନ୍ୟାୟାଳୟଙ୍କ ରାୟ ସହ ସାମିଲ। ସୁପ୍ରିମକୋର୍ଟଙ୍କ ରାୟର ଉଦାହରଣ ଦେଇ ହାଇକୋର୍ଟ କହିଥିଲେ ଯେ ଆବେଦନରେ ଉଠାଯାଇଥିବା ପ୍ରସଙ୍ଗ ଏବେ ଆଉ ପ୍ରାସଙ୍ଗିକ ହୋଇ ନାହିଁ। ସେହି ଅନୁସାରେ ଏବେକା ରିଟ୍ ପିଟିସନକୁ ଅଗ୍ରାହ୍ୟ କରାଯାଉଛି।

ବଜାରରେ ଉପଲବ୍ଧ...

'କଥାକଳିକା' ଏପ୍ରିଲ-୨୦୨୫ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ବୀରେଶ୍ୱର ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବରଦା ପ୍ରସନ୍ନ ଦାସ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, କନକ ମଂଜରୀ ମିଶ୍ର, ସୁଜାତା ମହାପାତ୍ର, ଜ୍ଞାନରଂଜନ ନାୟକ, ସଂଯୁକ୍ତା ଦାଶ, ଶରତ କୁମାର ଜେନା, ଅକ୍ଷୟ କୁମାର ମିଶ୍ର, ସୁନୀତା କର।
**ଅନ୍ୟ ଭାଷାର କଥା :** ରେବା ପଟ୍ଟନାୟକ
**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରତିଭା ସାହୁ, ସୁସ୍ମିତା ମହାପାତ୍ର, ସସ୍ମିତା ରାଉତ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଓଡ଼ିଶାରେ ବଢ଼ୁଛି କୃଷ୍ଣସାର ମୃଗଙ୍କ ସଂଖ୍ୟା

**ଭୁବନେଶ୍ୱର, ୮/୪ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସ୍ୱତନ୍ତ୍ର କୁହାଯାଉଥିବା କୃଷ୍ଣସାର ମୃଗଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଅଞ୍ଚଳରେ ଦେଖାଯାଉଛନ୍ତି ଶହ ଶହ କୃଷ୍ଣସାର ମୃଗ । ଯାହା ଭାରତରେ ଦ୍ୱିତୀୟ ସର୍ବବୃହତ କୃଷ୍ଣସାର ମୃଗଙ୍କ ବାସସ୍ଥାନ । ଏପରିକି ସାରା ରାଜ୍ୟରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି । ଏନେଇ ବନ୍ୟପ୍ରାଣୀ ପିସିସିଏଫ ପ୍ରେମ କୁମାର ଝା କହିଛନ୍ତି, 'ପ୍ରାକୃତିକ ଭାବରେ କୃଷ୍ଣସାର ମୃଗ ଓଡ଼ିଶାରେ ବିଶେଷ ଭାବରେ ଗଞ୍ଜାମ ଜିଲ୍ଲାରେ ଦେଖାଯାଇଥାନ୍ତି । ସେଠାକାର ଗ୍ରାମବାସୀମାନେ କୃଷ୍ଣସାର ମୃଗଙ୍କୁ ରକ୍ଷା କରିଥାନ୍ତି। ବିଭାଗ ପକ୍ଷରୁ କୃଷ୍ଣସାର ମୃଗଙ୍କ ପାଇଁ ବିଭିନ୍ନ ସ୍ଥାନରେ ମୁଗ ଏବଂ ଡାଲି ଜାତୀୟ ଶସ୍ୟ ଚାଷ କରାଯାଇଥାଏ । ଦେଖାଯାଉଛି ଯେ, ରାଜ୍ୟରେ ବିଭିନ୍ନ ସ୍ଥାନରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ବଢ଼ିଯାଇଛି । ଏପରିକି ନୂଆ ନୂଆ



ସ୍ଥାନମାନଙ୍କରେ ମଧ୍ୟ ଏହି କୃଷ୍ଣସାର ମୃଗଙ୍କ ସଂଖ୍ୟା ଦେଖିବାକୁ ମିଳୁଛି । କେବଳ ଗଞ୍ଜାମର ଜଗନ୍ନାଥ ପ୍ରସାଦ ନୁହେଁ ଏପରିକି ଖୋର୍ଦ୍ଧା ଆଦି ସ୍ଥାନରେ ମଧ୍ୟ କୃଷ୍ଣସାର ମୃଗଙ୍କ ସଂଖ୍ୟା ବଢ଼ିଛି। ରାଜ୍ୟରେ କୃଷ୍ଣସାର ମୃଗର ଶିକାର ବହୁତ କମ୍ ଶୁଣିବାକୁ ମିଳୁଥିବା ବେଳେ ବିଶେଷ ଭାବରେ କୃଷ୍ଣସାର ମୃଗମାନେ ଦୁର୍ଘଟଣାରେ ଅଧିକ ମୃତ୍ୟୁବରଣ କରିଥାନ୍ତି । ବିଭାଗ ପକ୍ଷରୁ ଯେଉଁ ସ୍ଥାନମାନଙ୍କରେ ଖାଲି ଜଙ୍ଗଲ ରହିଛି ସେଠାରେ ଡାଲି ଜାତୀୟ ଫସଲ ଚାଷ କରାଯାଉଛି । ଯାହା ଫଳରେ ମୃଗମାନେ ବାହାରକୁ ବା ଜନବସତି ଆଡକୁ ନଯାଇ ଜଙ୍ଗଲ ମଧ୍ୟରେ ଚାଷ କରାଯାଉଥିବା ଶସ୍ୟ ଆଦିକୁ ଖାଇଥାଆନ୍ତି ।' ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, 'ରାଜ୍ୟରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହାର କାରଣ ସେମାନଙ୍କୁ ଶିକାର କରିବା ପାଇଁ ରାଜ୍ୟରେ ସେହି ତୁଳନାରେ ବାଘ ନାହାନ୍ତି । ଯାହା ଫଳରେ ସେମାନଙ୍କର ସଂଖ୍ୟା ରାଜ୍ୟରେ ବୃଦ୍ଧି ପାଉଛି । କେବଳ ଗଞ୍ଜାମରେ ନୁହେଁ ଏପରିକି ରାଜ୍ୟରେ ଅନେକ ସ୍ଥାନରେ ସେମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି । ସେମାନଙ୍କର ସୁରକ୍ଷା ପାଇଁ ଲୋକଙ୍କର ସହଯୋଗ ଓ ସୁରକ୍ଷା ଆବଶ୍ୟକ । ଅନେକ ସମୟରେ ଦେଖାଯାଉଛି ଜଙ୍ଗଲ ନିକଟରେ ଥିବା ଚାଷ ଜମିରୁ କୃଷ୍ଣସାର ମୃଗମାନେ ଆସି ଫସଲ ନଷ୍ଟ କରିଦିଅନ୍ତି। ଏନେଇ ଚାଷୀମାନଙ୍କୁ ବିଭାଗ ପକ୍ଷରୁ କ୍ଷତି ପୂରଣ ଦିଆଯାଉନାହିଁ । ଆସ୍ତେ ସହର ଧୀରେ ଧୀରେ ଜଙ୍ଗଲ ଆଡକୁ ମାଡି ଚାଲିଛି । ଯାହା ଫଳରେ କୃଷ୍ଣସାର ମୃଗଙ୍କ ସୁରକ୍ଷା ପାଇଁ ବିପଦ ରହିଛି । ଏନେଇ ବିଭାଗ ପକ୍ଷରୁ ଆଗ୍ରହ ଦେଖାଯାଉ ନାହିଁ । କୃଷ୍ଣସାର ମୃଗ ଫସଲ ଖାଇବା ପରେ ଅଭିଯୋଗ ମୁତାବକ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ଆବଶ୍ୟକ । ଫଳରେ ଲୋକମାନେ ସେମାନଙ୍କ ପ୍ରତି ଭଲ ପାଇବା ଆଗ୍ରହ ବଢ଼ାଇବେ। ଏମିତିରେ ରାଜ୍ୟରେ ଅନେକ ସ୍ଥାନରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ବଢ଼ିଛି ।' ଜଗନ୍ନାଥ ପ୍ରସାଦରେ ପାଖାପାଖି ୪୦୦ରୁ ଅଧିକ କୃଷ୍ଣସାର ମୃଗ ରହିଛନ୍ତି । କୃଷ୍ଣସାର ମୃଗକୁ ନେଇ କିଭଳି ସୁରକ୍ଷା କରାଯିବ ସେନେଇ ସମସ୍ତ ବ୍ୟବସ୍ଥା କରାଯାଉଛି । ତେବେ କୃଷ୍ଣସାର ମୃଗଙ୍କ ପାଇଁ ଭାରତର ପ୍ରଥମ ବୃହତ୍ତମ ଅଭୟାରଣ୍ୟ ହେଉଛି ଗୁଜୁରାଟର ବଳଭଦ୍ର ଜାତୀୟ ଉଦ୍ୟାନ । କୃଷ୍ଣସାର ମୃଗ ବର୍ତ୍ତମାନ ସମୟରେ ଏକ ସ୍ୱତନ୍ତ୍ର ପ୍ରଜାତିର ମୃଗ ଅଟନ୍ତି । ଏହା ବିଶେଷ ଭାବରେ ଭାରତ ଓ ନେପାଳରେ ଦେଖାଯାଆନ୍ତି । ଅବାଧ ଶିକାର, ଜଙ୍ଗଲ କ୍ଷୟ ଓ ପାଣିପାଗ ପରିବର୍ତ୍ତନ ଯୋଗୁଁ ଏହା ବିଲୁପ୍ତ ହେବାରେ ଲାଗିଛନ୍ତି । ଏହାର ବଂଶବୃଦ୍ଧି ପାଇଁ ସରକାର ଅନେକ ଯୋଜନା ଜାରି ରଖିଛନ୍ତି । ଦେଶର ଅନେକ ପ୍ରାଣୀ ଉଦ୍ୟାନ, ଅଭୟାରଣ୍ୟରେ ଏମାନଙ୍କୁ ରଖାଯାଇ ବଂଶବୃଦ୍ଧି ପାଇଁ ପ୍ରୟାସ କରାଯାଉଛି । ଏହା ଏକ ଶାକାହାରୀ ପ୍ରାଣୀ । ବିଶେଷ ଭାବରେ ଏମାନଙ୍କର ଜୀବନ କାଳ ୧୦ରୁ ୧୫ ବର୍ଷ । ଏମାନେ ବିଶେଷ ଭାବରେ ଖୋଲା ଘାସ ଥିବା ଅଞ୍ଚଳ ଓ କମ ଜଙ୍ଗଲ ଅଞ୍ଚଳରେ ବିଚରଣ କରିଥାନ୍ତି । କୃଷ୍ଣସାର ମୃଗ ଅତ୍ୟଧିକ ଥଣ୍ଡା ସହ୍ୟ କରିପାରନ୍ତି ନାହିଁ । ଯାହା ଫଳରେ ଏମାନେ ରାଜସ୍ଥାନର ମରୁଭୂମି ଓ ଉପକୂଳ ଅଞ୍ଚଳରେ ଦେଖାଯାଆନ୍ତି । ବିଶେଷ ଭାବରେ ଭାରତର ଗୁଜୁରାଟ, ରାଜସ୍ଥାନ, ପଞ୍ଜାବ, ହରିୟାଣା ଏବଂ ଓଡ଼ିଶାର କିଛି ଅଞ୍ଚଳରେ ଦେଖାଯାଆନ୍ତି । ବିରଳ କୃଷ୍ଣସାର ମୃଗ ବଂଶବୃଦ୍ଧି ପାଇଁ ପୁରୀ ବନ ବିଭାଗ ପକ୍ଷରୁ କୋଣାର୍କ ବନଖଣ୍ଡ ଅଭୟାରଣ୍ୟରେ ୨ଟି ଏନକ୍ଲୋଜର ନିର୍ମାଣ କରାଯାଇଛି ।

## ଦେଉଳପଦର ପାୱାର ସବ୍‌ଷ୍ଟେସନ ଲୋକାର୍ପିତ : ଉପକୃତ ହେବେ ୪୦୦୦ ବିଦ୍ୟୁତ ଉପଭୋକ୍ତା

**ବିନିକା, ୮/୪ ନ୍ୟୁଜ ବ୍ୟୁରୋ**

ସୋନପୁର ଉପଖଣ୍ଡ ତରଭା ବ୍ଲକ ଦେଉଳପଦରଠାରେ ୩୩/୧୧ କେଭି ପାୱାର ସବଷ୍ଟେସନ ଲୋକାର୍ପିତ ହୋଇଛି। ଏହି ପାୱାର ସବ୍ ଷ୍ଟେସନ କାର୍ଯ୍ୟକ୍ଷମ ହେବା ଫଳରେ ଅଞ୍ଚଳର ପ୍ରାୟ ୫୫୦ କୃଷି ଉପଭୋକ୍ତା ଏବଂ ଗଭୀର ନଳକୂପ ପ୍ରକଳ୍ପ ବିଶେଷ ଭାବେ ଉପକୃତ ହୋଇପାରିବେ। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସବ୍ ଷ୍ଟେସନର ଉଦ୍‌ଘାଟନ କରିଛନ୍ତି। ସେହପରି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓ, ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ, ଟିପିଡବ୍ଲୁଓଡିଏଲର ସିଇଓ ଇଂ. ପ୍ରବୀଣ ବର୍ମା ପ୍ରମୁଖ ଉପସ୍ଥିତ ରହିଥିଲେ । ଓଡିଏସଏସପି ଯୋଜନାର ତୃତୀୟ ପର୍ଯ୍ୟାୟରେ ଦେଉଳପଦର ୩୩/୧୧ କେ.ଭି. ପାୱାର ସବ୍‌ଷ୍ଟେସନ ନିର୍ମାଣ ହୋଇଛି। ତେବେ ଏହି ପାୱାର ଷ୍ଟେସନ ଦ୍ୱାରା ଅଞ୍ଚଳର ୪ ଗୋଟି ୧୧ କେଭି ଫିଡରେ, ନାରାୟଣପୁର, ଦେଉଳପଦର, ପାଇକବାହାଲ ଏବଂ ଲଛିପୁର ଫିଡର ଅନ୍ତର୍ଗତ ୧୯ଟି ଗ୍ରାମର ୪୦୦୦ ବିଦ୍ୟୁତ ଉପଭୋକ୍ତା ନିରନ୍ତର ତଥା ଗୁଣାତ୍ମକ ବିଦ୍ୟୁତସେବା ପାଇପାରିବେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଲୋକସଂପର୍କ ବିଭାଗ ମୁଖ୍ୟ ମନୋଜ ପଟ୍ଟନାୟକ ସଂଯୋଜନା କରିଥିବାବେଳେ ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍‌ରୁ ୧୩୦ କିଲୋ ଗଞ୍ଜେଇ ଜବତ : ୨ଗିରଫ

**ଫିରିଙ୍ଗିଆ, ୦୮/୦୪ ନ୍ୟୁଜ ବ୍ୟୁରୋ**

କାର୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହେବା ସହ ୨ଜଣଙ୍କୁ ଗିରଫ କରାଯାଇଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୋଲିସ ଗତ ସୋମବାର ସନ୍ଧ୍ୟା ସମୟରେ ଏକ କାର୍ ଭିତରୁ ୧୩୦ କିଲୋ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତକୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଲୁହୁରବାଲି ଗାଁର ଉମେଶ ଚନ୍ଦ୍ର ଦିଗାଲ ଏବଂ ରାଜେଶ କୁମାର ଦିଗାଲ। ସୂଚନା ଅନୁସାରେ, ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଫିରିଙ୍ଗିଆ ପୋଲିସକୁ କୌଣସି ସୂତ୍ରରୁ ଖବର ମିଳିଥିଲା। ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଦୀପକ କୁମାର ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ଫୁଲବାଣୀ ବାଲିଗୁଡ଼ା ରାସ୍ତାର ବାଲି କିଡାଡି ଛକ ନିକଟରେ ଜଗି ରହିଥିଲେ। ସମ୍ପୃକ୍ତ କାର୍‌ଟି ସେହି ରାସ୍ତା ଦେଇ ଯିବା ବେଳେ ଧରିବାରେ ସଫଳ ହୋଇଥିଲେ। କାର୍ ଭିତରୁ ୧୩୦ କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏନେଇ ଫିରିଙ୍ଗିଆ ଥାନାରେ ୮୩/୨୦୨୫ରେ ଏକ ମାମଲା ରୁଜୁ କରାଯାଇଛି। ଜବତ କାର୍ ଓ ଗଞ୍ଜେଇ ସହ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି।